

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୭ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 JULY 2020

Vol.No. 30 ■ No. 169 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,



Dist: Mayurbhanj



2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ଗୋଟିଏ ଦିନରେ ସୁସ୍ଥ ହେଲେ ୨୬୨

ଭୁବନେଶ୍ୱର,୬।୭ (ନି.ପ୍ର): ରାଜ୍ୟରେ ସୋମବାର ଦିନ ଆଉ ୨୬୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ରାଜ୍ୟରେ ମୋଟ ୬୪୮୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏସମ୍ପର୍କରେ ସୂଚନା ଦେଇଛି। ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୭୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହିତ ଗଜପତି ଜିଲ୍ଲାରୁ ୪୯ଜଣ, ଜଗତସିଂହପୁରରୁ ୨୫ଜଣ, ରାୟଗଡ଼ାରୁ ୧୬ଜଣ, କଟକରୁ ୧୫ଜଣ, ବରଗଡ଼ରୁ ୧୪ଜଣ, ଖୋର୍ଦ୍ଧାରୁ ୧୩ଜଣ, ଭଦ୍ରକରୁ ୧୨ଜଣ, ପୁରୀରୁ ୧୨ଜଣ, କେନ୍ଦ୍ରାପଡ଼ାରୁ ୮ଜଣ, ଯାଜପୁର ଓ ସୁନ୍ଦରଗଡ଼ରୁ ୪ଜଣ ଲେଖାଏଁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହା ବ୍ୟତୀତ ଅନୁଗୁଳ, ବାଲେଶ୍ୱର, ନୟାଗଡ଼ ଓ ନବରଙ୍ଗପୁର ଜିଲ୍ଲାରୁ ୩ଜଣ ଲେଖାଏଁ ଓ ବୌଦ୍ଧ, ଝାରସୁଗୁଡ଼ା, କଳାହାଣ୍ଡି, କୋରାପୁଟ ଓ ମୟୁରଭଞ୍ଜ ଆଦି ଜିଲ୍ଲାରୁ ଜଣେ ଲେଖାଏଁ ସୁସ୍ଥ ହୋଇଛନ୍ତି।

# ଏଲଏସିରେ ପଛକୁ ହଟିଲା ଚୀନ୍

## ୨ କିମି ପଛକୁ ସୈନ୍ୟ ପ୍ରତ୍ୟାହାର କଲା



ନୂଆଦିଲ୍ଲୀ,୬।୭ (ନି.ପ୍ର): ସର୍ବଶେଷରେ, ଭାରତର ଚାପ କାମ କଲା ଏବଂ ଚୀନ୍ ଗଲୱାନ୍ ଉପତ୍ୟକାର ବିବାଦୀୟ ଅଂଚଳରୁ ୨ କିଲୋମିଟର ଦୂରକୁ ନିଜର ସୈନ୍ୟ ପ୍ରତ୍ୟାହାର କରିଛି । ଚୀନ୍ ସୈନ୍ୟମାନେ ଗଲୱାନ୍, ହଟ୍ ସ୍ପ୍ରିଙ୍ଗସ୍ ଏବଂ ଗୋଗ୍ରା ଠାରୁ ମଧ୍ୟ ସେମାନଙ୍କର କ୍ୟାମ୍ପ ପ୍ରତ୍ୟାହାର କରିଛନ୍ତି। ତେବେ ଏହି ବିଷୟରେ ସେନାର କୌଣସି ସରକାରୀ ବିବୃତି ନାହିଁ, ସେଥିପାଇଁ ଭାରତୀୟ ସେନା ଅତି ସତର୍କ ରହିଛନ୍ତି। ଗଲୱାନ୍ ଉପତ୍ୟକାକୁ ବର୍ତ୍ତମାନ ଏକ ବଫର୍ ଜୋନ୍ କରାଯାଇଛି ଯାହା ଦ୍ୱାରା ଆଉ ହିଂସାତ୍ମକ ଘଟଣା ଘଟିବ ନାହିଁ। କମାଣ୍ଡର ସ୍ତରୀୟ ଆଲୋଚନାରେ ନିଷ୍ପତି ନିଆଯାଇଛି ଯେ ବିବାଦୀୟ ଅଂଚଳରୁ ପଛକୁ ଫେରିବା ପାଇଁ ଭୂମିରେ କେଉଁ ପଦକ୍ଷେପ ନିଆଯାଇଛି ତାହା ଦେଖିବା ପାଇଁ ଦୁଇ ଦେଶ ପରସ୍ପର ଉପରେ ୭୨ ଘଂଟା ନଜର ରଖିବେ। ଯଦିଓ ପୂର୍ବ ଲଦାଖରେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଭୂମିରେ କୌଣସି ଡି-ଏସ୍କାଲେସନ୍ ନଥିଲା, ସୋମବାର ଠାରୁ କିଛି ଅଗ୍ରଗତି ଆଶା କରାଯାଉଥିଲା । ଚୀନ୍ ସେନା ପ୍ରଥମେ ଗଲୱାନ୍ ଭ୍ୟାଲି ଏବଂ ହଟ୍ ସ୍ପ୍ରିଙ୍ଗସ୍ ଅଂଚଳ ଛାଡିବ ବୋଲି ଆଶା କରାଯାଉଥିଲା। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜୁନ୍ ୧୫ ରେ,ଭାରତ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୨୦ ଜଣ ଯବାନ୍ ସହୀଦ ହୋଇଥିଲେ।

## ବିଜେଡ଼ି ବିଧାୟକ ବିଷ୍ଣୁ ଦାସଙ୍କର ଦେହାନ୍ତ



ଭୁବନେଶ୍ୱର,୬।୭ (ନି.ପ୍ର): ଜଗତସିଂହପୁର ଜିଲ୍ଲା ତିର୍ତୋଲ ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ବିଷ୍ଣୁ ଚରଣ ଦାସଙ୍କର ଆଜିଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ ଦାସ ଗତ ୩ ତାରିଖରେ ହସ୍ପିଟାଲରେ ଭର୍ତି ହୋଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦାସ ପ୍ରଥମେ ୧୯୯୦ ମସିହାରେ ବିଧାନସଭାକୁ ନିର୍ବାଚିତ ହୋଇଥିଲା ବେଳେ ଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରୀମଣ୍ଡଳରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଦାୟିତ୍ୱରେ ଥିଲେ। ସେ ୬ ଥର ବିଧାୟକ, ଥରେ ମନ୍ତ୍ରୀ ଏବଂ ଥରେ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ମଧ୍ୟ ଥିଲେ । ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ପଂଚାୟତ ରାଜ ମନ୍ତ୍ରୀ ଅରୁଣ ସାହୁ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରଦୀପ ମହାରଥି, ଅତନୁ ସବ୍ୟସାଚୀ ନାୟକ, ସସ୍ମିତ ରାଉତରାୟ, ପ୍ରତାପ ଦେବ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ଦଳ ଜଣେ ଦୃଢ଼ ସଂଗଠକଙ୍କୁ ହରାଇଲା ବୋଲି ସେମାନେ କହିଛନ୍ତି । ତାଙ୍କ ମୃତ୍ୟୁ ଖବରପାଇ ଦଳର କର୍ମକର୍ତ୍ତା, କର୍ମୀ ହସ୍ପିଟାଲ ଏବଂ ବାସଭବନକୁ ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ।

# ଆଉ ୪୫୬ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୯୫୨୬କୁ ବୃଦ୍ଧି




ଭୁବନେଶ୍ୱର,୬।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୪୫୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୯୫୨୬କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୪୫୬ ଜଣଙ୍କ ମଧ୍ୟରୁ ୩୦୯ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୪୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଉଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୧୬୬ ଟି ନୂଆ ମାମଲା ସାମନାକୁ ଆସିଛି। ଅନୁଗୁଳ ଜିଲ୍ଲାରେ ଜଣେ, ବାଲେଶ୍ୱର ଜିଲ୍ଲାରେ ୧୪ ଜଣ, ବରଗଡ ଜିଲ୍ଲାରେ ୩୩ ଜଣ, ଭଦ୍ରକ ଜିଲ୍ଲାରେ ୧୨ ଜଣ , ବଲାଙ୍ଗୀର ଜିଲ୍ଲାରେ ୬ ଜଣ ଓ କଟକ ଜିଲ୍ଲାରେ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଢେଙ୍କାନାଳ ଜିଲ୍ଲାରେ ଜଣେ, ଗଜପତି ଜିଲ୍ଲାରେ ଜଣେ , ଜଗତସିଂହପୁର ଜିଲ୍ଲାରେ ୨୩ ଜଣ, ଯାଜପୁର ଜିଲ୍ଲାରେ ୫୭ ଜଣ , କଳାହାଣ୍ଡି ଜିଲ୍ଲାରେ ୩ ଜଣ, କନ୍ଧମାଳ ଜିଲ୍ଲାରେ ୩ ଜଣ, କେନ୍ଦ୍ରାପଡା ଜିଲ୍ଲାରେ ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରେ ୨ ଜଣ , ଖୋର୍ଧା ଜିଲ୍ଲାରେ ୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୦ ଜଣ, ମୟୁରଭଂଜ ଜିଲ୍ଲାରେ ୮ ଜଣ, ନବରଙ୍ଗପୁର ଜିଲ୍ଲାରେ ୨୪ ଜଣ, ନୟାଗଡ ଜିଲ୍ଲାରେ ୪ ଜଣ ତଥା ପୁରୀ ଜିଲ୍ଲାରେ ୩ ଜଣ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାୟଗଡା ଜିଲ୍ଲାରେ ୧୩ ଜଣ, ସମ୍ବଲପୁର ଜିଲ୍ଲାରେ ୧୫ ଜଣ ଓ ସୁନ୍ଦରଗଡ ଜିଲ୍ଲାରେ ୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଗତ ୨୪ ଘଂଟାରେ ଦେଶରେ ୨୪୨୪୮ ଟି କରୋନାର ନୂଆ ମାମଲା: ୪୨୫ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୬।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୨୪୨୪୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ୬,୯୭,୪୧୩କୁ ବୃଦ୍ଧି ପାଇଛି ବୁଧବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ୨୫୩୨୮୭ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତ୍ତମାନ ସୁଦ୍ଧା ୧୯୬୯୩ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୪୨୪,୪୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ବିଧାୟକଙ୍କୁ କରୋନା

ଭୁବନେଶ୍ୱର,୬।୭ (ନି.ପ୍ର): ନୀଳଗିରିର ବିଜେପି ବିଧାୟକ ସୁକାନ୍ତ ନାୟକ କରୋନା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଶ୍ରୀ ନାୟକ ନିଜ ଆଡୁ ଏହା ସୂଚନା ଦେବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲର ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । କୌଣସି ବିଧାୟକ କରୋନା ଆକ୍ରାନ୍ତ ହେବା ଓଡିଶାରେ ଏହା ପ୍ରଥମ । ତେବେ କାହା ସଂସ୍ପର୍ଶରେ ଆସି ବିଧାୟକ କରୋନା ଦ୍ୱାରା ସଂକ୍ରମିତ ହୋଇଛନ୍ତି ସେଥିନେଇ କୌଣସି ସୂଚନା ମିଳିନାହିଁ। ତେବେ ସେ ଗତ ୩ ତାରିଖରେ ବାଲେଶ୍ୱର ସଦର ବିଧାୟକ ସ୍ୱର୍ଗତ ମଦନମୋହନ ଦତଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ। ବିଜେପି ସମେତ ବିଭିନ୍ନ ଦଳର ବରିଷ୍ଠ ନେତୃବୃନ୍ଦ ଓ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ ଉକ୍ତ ସଭାରେ ଉପସ୍ଥିତ ଥିଲେ। ସେହିପରି ସଂପୃକ୍ତ ବିଧାୟକ ଜୁଲାଇ ୨ ତାରିଖରେ ଭୁବନେଶ୍ୱରରେ ବିଧାନସଭାର ପଂଚାୟତିରାଜ ଓ ପାନୀୟଜଳ ସଂପର୍କିତ ଷ୍ଟାଣ୍ଡିଂ କମିଟି ବୈଠକରେ ସାମିଲ ଥିଲେ ବୋଲି ସୂଚନା ରହିଛି।

## ବିକାଶ ଦୁବେ ଉପରେ ୨.୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କଲେ ସରକାର



ଲକ୍ଷ୍ନୌ ,୬।୭ (ନି.ପ୍ର): ଉତରପ୍ରଦେଶର କାନପୁର ଏନକାଉଂଟରରେ ଆଠ ଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଥିବା କୁଖ୍ୟାତ ଅପରାଧୀ ବିକାଶ ଦୁବେ ଉପରେ ୨.୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ସୋମବାର ପୋଲିସ ମହାନିର୍ଦ୍ଦେଶକ ହିତେଶ ଚନ୍ଦ୍ର ଅବସ୍ତି ଏହି ଘୋଷଣା କରିଛନ୍ତି। ରାଜ୍ୟ ଆଇନ ଶୃଙ୍ଖଳା ପାଇଁ ଏକ ଆହ୍ୱାନ ପାଲଟିଥିବା ବିକାଶକୁ ଧରିବା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁତ୍ୱ ଦେଇଛନ୍ତି। ୮ ପୋଲିସ୍ ସହୀଦ ହେବା ପରେ ବିକାଶ ଦୁବେଙ୍କୁ ଗିରଫ ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ରାଶି ରଖାଯାଇଥିଲା। ଏହା ପରେ, ୨୪ ଘଂଟା ପରେ, ଏହି ପରିମାଣକୁ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ୬୦ରୁ ଅଧିକ ଅପରାଧରେ ଜଡ଼ିତ ଥିବା ବିକାଶ ଦୁବେ ଗୁରୁବାର ରାତିରେ ବିକରୁ ଗାଁରେ ଲୁଚିଥିବା ଖବର ମିଳିବା ପରେ ପୋଲିସ୍ ପକ୍ଷରୁ ଅପରେସନ ଆରମ୍ଭ ହୋଇଥିଲା। ତେବେ ବିକାଶ ଜେସିବିକୁ ଆଗରେ ଥୋଇ ପୋଲିସ୍ ଗାଡ଼ିକୁ ଅଟକାଇ ଦେଇଥିଲା। ପୋଲିସ ଟିମ୍ ଗାଡ଼ିରୁ ଓହ୍ଲାଇବା ପରେ ଛାତ ଉପରୁ ହିଁ ବିକାଶ ଓ ତା'ର ସହଯୋଗୀମାନେ ଆଖିବୁଜା ଗୁଳିମାଡ଼ କରିଥିଲେ। ଏଥିରେ ୮ ଜଣ ପୋଲିସ୍ ସହିଦ ହୋଇଥିଲେ।

## ରାଜ୍ୟରେ ଆଉ ଦୁଇ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୩୮ ହେଲା

ଭୁବନେଶ୍ୱର,୬।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ଦୁଇଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଗଂଜାମ ଓ ଯାଜପୁର ଜିଲ୍ଲାରୁ ଜଣେ – ଜଣେ କରୋନା ଆକ୍ରାନ୍ତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି। ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୮ରେ ପହଂଚିଛି । ଗଂଜାମ ଜିଲ୍ଲାରେ ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ବୟସ ୭୭ ବର୍ଷ। ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିବା ସୂଚନା ଦିଆ ଯାଇଛି । ସେହିପରି ଯାଜପୁର ଜିଲ୍ଲାରେ ୬୪ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁ ବରଣ କରିଛନ୍ତି । ସେ ମଧୁ ମେହ ରୋଗରେ ପୀଡିତ ଥିଲେ । ଯାଜପୁର ଜିଲ୍ଲାରେ କରୋନା କାରଣରୁ ଏହା ପ୍ରଥମ ମୃତ୍ୟୁ ବୋଲି ଜଣା ପଡିଛି ।

## ଜନ୍ମ ଦିବସରେ ଦଲାଇଲାମାଙ୍କୁ ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୬।୭ (ନି.ପ୍ର): ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ତାଙ୍କର ଉତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରିବା ସହ ବିଶ୍ୱରେ ପ୍ରେମ , କରୁଣା ଓ ଶାନ୍ତିର ବିସ୍ତାର କର ବୋଲି ଉଲ୍ଲେଖ କରିଛନ୍ତି।

## ବିଧାୟକ ବିଷ୍ଣୁ ଦାସଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ରଘୁନାଥଙ୍କ ଶୋକ

ବାଲେଶ୍ୱର,୬।୭ (ନି.ପ୍ର): ବିଜେଡ଼ି ବିଧାୟକ ବିଷ୍ଣୁ ଦାସଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଗଭୀର ମର୍ମାହତ ହେବା ସହ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଜଗତସିଂହପୁର ଜିଲ୍ଲା ତିର୍ତୋଲ ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ବିଷ୍ଣୁ ଚରଣ ଦାସଙ୍କର ଆଜିଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ ଦାସ ଗତ ୩ ତାରିଖରେ ହସ୍ପିଟାଲରେ ଭର୍ତି ହୋଇଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା । ସେ ୬ ଥର ବିଧାୟକ, ଥରେ ମନ୍ତ୍ରୀ ଏବଂ ଥରେ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ମଧ୍ୟ ଥିଲେ । ତାଙ୍କ ମୃତ୍ୟୁରେ ଶ୍ରୀ ମହାନ୍ତି ଶୋକ ପ୍ରକାଶ କରିବା ସହ କହିଥିଲେ ଯେ ସେ ଜଣେ ଦୃଢ଼ ସଂଗଠକ ଓ ସମାଜସେବୀ ଥିଲେ । ପରର ଉପକାର ପାଇଁ ତାଙ୍କର ସମଗ୍ର ଜୀବନ ସେ ଉତ୍ସର୍ଗୀକୃତ କରିଥିଲେ । ତାଙ୍କ ମୃତ୍ୟୁରେ ଓଡ଼ିଶା ଏକ ଦକ୍ଷ ରାଜନେତା ହରାଇବା ସଙ୍ଗେ ସଙ୍ଗେ ଓଡ଼ିଶା ଏକ ଦକ୍ଷ ରାଜନେତାକୁ ହରାଇଲା । ଏହି ଅବସରରେ ଶ୍ରୀ ମହାନ୍ତି ଭଗବାନଙ୍କ ନିକଟରେ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଭଗବାନ ସହାୟକ ହୁଅନ୍ତୁ ବୋଲି କହିଥିଲେ ।

## ଅପରାଜିତାଙ୍କୁ ଘଂଟ ଘୋଡ଼ାଉଛି ବିଜେପି : ବିଜେଡ଼ି

ଭୁବନେଶ୍ୱର,୬।୭ (ନି.ପ୍ର): ଭୁବନେଶ୍ୱର ବିଜେପି ସଂଗଠନରେ ଚାଲିଥିବା ଗୋଷ୍ଠୀ କନ୍ଦଳ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବେଆଇନ୍ କାର୍ଯ୍ୟକୁ ଘଂଟ ଘୋଡ଼ାଇବା ପାଇଁ ବିଜେପି ନେତା ବାବୁ ସିଂହ ଆଗକୁ ଆସିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରୁ ଏହା ସ୍ପଷ୍ଟ ହୋଇଛି ବୋଲି କହିଛନ୍ତି ବିଜେଡ଼ି ମୁଖପାତ୍ର ଲେନିନ୍ ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ଭୁବନେଶ୍ୱର ବିଜେପିରେ ଏବେ ଗୋଷ୍ଠୀ ବିବାଦ ଜୋରସୋର ଭାବେ ଚାଲିଥିବା ସମସ୍ତେ ଜାଣିଛନ୍ତି । ବାବୁ ସିଂହ ହେଉଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କର ଏକାନ୍ତ ଅନୁଗତ । ଶ୍ରୀମତୀ ଷଡ଼ଙ୍ଗୀ ରାଜନୈତିକ ସଭା ସମିତିମାନ କରି ଜାଣିଶୁଣି କୋଭିଡ଼ ପାଇଁ ଜାରି ହୋଇଥିବା କେନ୍ଦ୍ରୀୟ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରୁଛନ୍ତି । ଯେଉଁଥିପାଇଁ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ଭୁବନେଶ୍ୱର ବିଜେପିର ଗୋଷ୍ଠୀ କନ୍ଦଳ ଏବଂ କରୋନା ମାର୍ଗଦର୍ଶିକା ଉଲ୍ଲଙ୍ଘନରୁ ନଜର ହଟାଇବା ସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ବେଆଇନ୍ କାର୍ଯ୍ୟକୁ ଘଂଟ ଘୋଡ଼ାଇବା ପାଇଁ ଶ୍ରୀ ସିଂହ ଆଜି ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କୋଭିଡ଼ ସଂକ୍ରାନ୍ତୀୟ ଜାତୀୟ ମାର୍ଗଦର୍ଶିକାକୁ ପାଳନ କରିବାପାଇଁ ଜନସାଧାରଣଙ୍କୁ ଅନୁରୋଧ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବ୍ୟକ୍ତି ଯେତେ ବଡ଼ ହୁଅନ୍ତୁ ନା କାହିଁକି, କୋଭିଡ଼ ନିୟମ ଭଙ୍ଗ କଲେ ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ । କିନ୍ତୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ରାଜନୈତିକ ସଭା ଜରିଆରେ ବାରମ୍ବାର କୋଭିଡ଼ ନିୟମ ଉଲ୍ଲଙ୍ଘନ କରିବାରେ ଲାଗିଛନ୍ତି ।

## କୋଭିଡ ଗାଇଡଲାଇନ ମାନିବାରେ ପୁରୀ ସାରା ଦୁନିଆକୁ ବାଟ ଦେଖାଇଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୬।୭ (ନି.ପ୍ର): ପୁରୀ ଆଜି ସାରା ଦୁନିଆକୁ ବାଟ ଦେଖାଇଛି । କୋଭିଡ ଗାଇଡଲାଇନ ମାନି କିପରି କାମ କରିବାକୁ ହେବ ସେଥିପାଇଁ ପୁରୀ ପ୍ରେରଣା ଦେଇଛି। ମହାପ୍ରଭୁ ନିଜେ ବାହାରକୁ ଆସି ତ୍ୟାଗ, ସଂଯମ ଓ ଶୃଙ୍ଖଳାର ବାଟ ଦେଖାଇଲେ। ତେଣୁ କୋଭିଡ ଯୁଦ୍ଧ ଜିତିବାକୁ ହେଲେ ଆମକୁ ତ୍ୟାଗ, ସଂଯମ ଓ ଶୃଙ୍ଖଳାର ମାର୍ଗ ଆପଣେଇବାକୁ ହେବ। ଏ ତିନୋଟି ଅସ୍ତ୍ର ହିଁ କୋଭିଡ ଯୁଦ୍ଧରେ ଆମକୁ ବିଜୟ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସୋମବାର ଦିନ ଏକ ଭିଡିଓ ବାର୍ତାରେ ରାଜ୍ୟବାସୀଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ ସମୟରେ କିପରି ମହାପ୍ରଭୁଙ୍କ ଯାତ୍ରା,ନିୟମ ମାନି କରୁଛୁ ତା ଉପରେ ସାରା ବିଶ୍ୱ ନଜର ରଖିଥିଲା । ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମେ ସଫଳ ହୋଇଛୁ। ଶୃଙ୍ଖଳାର ସହ କାମ କରି ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଛୁ। ମହାପ୍ରଭୁ ୪ ଦିନ ବଡଦାଣ୍ଡରେ ରହିଲେ। କିନ୍ତୁ ପୁରୀର ଜନସାଧାରଣ କୋଭିଡ ଗାଇଡଲାଇନ ମାନି, କେହି ଜଣେ ବି ରାସ୍ତାକୁ ଆସିନଥିଲେ। ସମସ୍ତେ ଘରେ ବସି ଟିଭିରେ ମହାପ୍ରଭୁଙ୍କ ଯାତ୍ରା ଦେଖିଲେ। ପୁରୀ ବାସୀଙ୍କ ଏହି ଶୃଙ୍ଖଳା ଓ ସଂଯମତାର ତୁଳନା ନାହିଁ । ସେମାନଙ୍କ ତ୍ୟାଗର ତୁଳନା ନାହିଁ। ତ୍ୟାଗ ହିଁ ସର୍ବଶ୍ରେଷ୍ଠ ଭକ୍ତି। ସମାଜର ମଙ୍ଗଳ ପାଇଁ ତ୍ୟାଗ ହିଁ ଭକ୍ତ ଓ ଭଗବାନଙ୍କ ସମ୍ପର୍କକୁ ଅଧିକ ନିବିଡ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷର ମହାପ୍ରଭୁଙ୍କ ରଥଯାତ୍ରା ଇତିହାସ ରଚିଛି। ବିନା ଭକ୍ତରେ ମହାପ୍ରଭୁଙ୍କ ରଥଯାତ୍ରାର ସମସ୍ତ ନୀତି ସୁରୁଖୁରୁରେ ଶେଷ ହୋଇଛି। ଏଥିପାଇଁ ସେବାୟତ ବନ୍ଧୁମାନଙ୍କୁ,ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହିତ ରଜ୍ୟ ସରକାରଙ୍କର ସବୁ ବିଭାଗକୁ ତଥା ସର୍ବୋପରି ପୁରୀର ଜନସାଧାରଣଙ୍କୁ ଏବଂ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

# ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ



ବାରିପଦା, ୦୬/୭ (ନି.ପ୍ର): ନଦୀବନ୍ଧରେ ଗାଧୋଇବା ବେଳେ ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ ଘଟିଛି ।ଏହି ଭଳି ଅଭାବନୀୟ ଘଟଣା ଘଟିଯାଇଛି ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଖୁଣଟା ବ୍ଲକର ଡୁକୁରା ଗ୍ରାମରେ ।ରବିବାର ମଧ୍ୟାହ୍ନ ସମୟରେ ଘର ନିକଟରେ ଥିବା ଏକ ନଦୀବନ୍ଧରେ ଗାଧୋଇବା ପାଇଁ ଯାଇଥିଲେ ।ସେଠାରେ ଗାଧୋଇବା ସମୟରେ ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି ।ଏହା ଘଟଣା ବାବଦରେ ଜାଣିବା ପରେ ତାଙ୍କ ପରିବାର ସମେତ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।ମୃତ୍ୟୁ ବରଣ କରିଥିବା ଯୁବକ ଜଣକ ହେଲେ ଡୁକୁରା ଗ୍ରାମର ଅଶୋକ ବ୍ରହ୍ମଙ୍କ ପୁଅ ସୁଭମ କୁମାର ବ୍ରହ୍ମ (୧୯) ।ସେ ବାରିପଦା ସ୍ଥିତ ମହାରାଜା ପୂର୍ଣଚନ୍ଦ୍ର ସଙ୍ଗଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ବିଭାଗର ଛାତ୍ର ଥିଲେ । ଆଜି ମଧ୍ୟାହ୍ନରେ ଅନ୍ୟ ତିନି ଜଣ ସାଙ୍ଗ ମାନଙ୍କ ସହିତ ନିକଟସ୍ଥ ଅରିକୂଳ ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ କିନ୍ତୁ ଗାଧୋଇବା ସମୟରେ ପାଣିରେ ନିଖୋଜ ହୋଇଯାଇଥିଲେ ।ଏହା ଦେଖି ଅନ୍ୟ ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ ପାଇ ନଥିଲେ । ଏହି ଘଟଣା ଜଣା ପଡିବା ପରେ ସ୍ଥାନୀୟ ଲୋକେ ବନ୍ଧ କଡ଼ରେ ପହଁଚିଥିବା ବେଳେ ଲକ୍ଷ୍ମଣାସାହି ପଂଚାୟତର ଯୁବ ସରପଂଚ ଶିବ ସିଂ ସାହସିକତାର ସହିତ ପାଣିରେ ବୁଡି ସୁଭମଙ୍କୁ ଠାବ କରିଥିଲେ । ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ସୁଭମକୁ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । କିନ୍ତୁ ସେଠାରେ ଡାକ୍ତର ସୁଭମକୁ ମୃତ ଘୋଷଣା କରିଥିଲେ । ଏନେଇ ଖୁଣଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ପାଗଳା ଗାଈ ଆକ୍ରମଣରେ ବୃଦ୍ଧାଙ୍କ ମୃତ

ବୌଦ୍ଧ, ୦୬/୭ (ନି.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବନ୍ଧାପଥର ଗ୍ରାମରେ ଏକ ପାଗଳା ଗାଈ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ସୂଚନା ମୁତାବକ କିଛିଦିନ ପୂର୍ବରୁ ଏକ କୁକୁର କାମୁଡି ଦେବାପରେ ଗାଈଟି ପାଗଳ ଭଳି ବୁଲିବା ସହିତ ଏଣେ ତେଣେ ଗ୍ରାମବାସୀମାନଙ୍କୁ ଦେଖିଲେ ଗୋଡାଉଥିଲା । ଗତ ଶନିବାର ସନ୍ଧ୍ୟାରେ ଗ୍ରାମର ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ଗାଈଟି ଆକ୍ରମଣ କରିବା ସହିତ କାମୁଡି ଦେବା ଯୋଗୁଁ ସେ ଗୁରୁତର ଆହତ ହୋଇଥିଲେ । ରବିବାର ସକାଳୁ ବୃଦ୍ଧାଙ୍କ ମୃତ୍ୟୁ ହୋଇଯିବାପରେ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଗାଈଟିକୁ ବାନ୍ଧିବା ପାଇଁ ଉଦ୍ୟମ କରି ଗ୍ରାମବାସୀମାନେ ବିଫଳ ହୋଇଥିବାବେଳେ ପରେ ଗାଈଟିର ମୃତ୍ୟୁ ହୋଇଥିବା ଜଣାଯାଇଛି ।

# ଫେରିଘାଟର ମହାଦୁର୍ନୀତି ନେଇ କ୍ରାନ୍ତିକାରୀ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୬/୭ (ହି.ସ.) - ଏହି ଜିଲାର ଚାନ୍ଦବାଲି ବ୍ଲକ୍‌ରେ ଯାତାୟତର ମୁଖ୍ୟ ପ୍ରତିବନ୍ଧକ ସାଜିଛି ୬ଟି ଫେରିଘାଟ । ଶିଳ୍ପକ୍ଷେତ୍ର ଧାମରା ହେଉ କିମ୍ବା ଶୈବପୀଠ ଆରଡି ପାଇଁ ପ୍ରତିଦିନ ହଜାର ହଜାର ଯାତ୍ରୀ ଯାତାୟତ କରିଥାନ୍ତି ଏହି ଫେରିଘାଟ ମାନଙ୍କରେ । ହେଲେ ଏବେ ଫେରିଘାଟ ମାନଙ୍କରେ ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି ଫେରିଘାଟ ନିଲାମଧାରୀ । ଯାତ୍ରୀମାନଙ୍କ ଠାରୁ ୫ ଟଙ୍କା ନେବା ବଦଳରେ ଦାବୀ କରୁଛନ୍ତି ୫୦ ଟଙ୍କା । ଏହାର ପ୍ରତିବାଦ କରି ଚାନ୍ଦବାଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ କ୍ରାନ୍ତିକାରୀ ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିବାଦ କରିବା ସହ ପ୍ରଶାସନର ସ୍ୱଚ୍ଛତା ନେଇ ସ୍ୱର ଉଠାଇଛନ୍ତି । ଏବେ କରୋନା ମହାମାରୀ ସମୟରେ ଲୋକଙ୍କର ଆର୍ଥିକ ସ୍ଥିତି ବିଗିଡି ଯାଇଥିବାବେଳେ ଏହି ସମୟରେ ଫେରିଘାଟ ନିଲାମଧାରୀମାନେ ଯାତ୍ରୀଙ୍କ ଉପରେ ଜୁଲୁମ କରିବା ସହ ଅଧିକ ଅର୍ଥ ଦାବୀ କରି ଯାତ୍ରୀମାନଙ୍କୁ ହଇରାଣ ହରକତ କରୁଛନ୍ତି, ଯାହାକୁ ନେଇ ସ୍ୱର ଉଠାଇଛି କ୍ରାନ୍ତିକାରୀ ସଂଗଠନ ।

# ୨ ବିଏମସି କର୍ମଚାରୀଙ୍କୁ କରୋନା, ଜଣେ ଡ୍ରାଇଭର ମଧ୍ୟ କରୋନା ଆକ୍ରାନ୍ତ

ଭୁବନେଶ୍ୱର, ୦୬/୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୨ ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତ ୨ ଜଣ ଇଞ୍ଜିନିୟର ବୋଲି ଜଣାପଡ଼ିଛି । ସେହିପରି ଜଣେ ଡ୍ରାଇଭର ମଧ କରୋନାରେ ଆକ୍ରାନ୍ତ ହୋଇଥିବା ଜଣା ପଡିଛି । ବିଏମସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବିଏମସିର ଦୁଇ ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ବିଏମ୍‌ସି ଇଞ୍ଜିନିୟରିଂ ବିଭାଗ ସିଲ୍ କରି ଦିଆଯାଇଛି । ଏଥିସହ ବିଭାଗର ସମସ୍ତ କର୍ମଚାରୀଙ୍କୁ ଘରେ ସଂଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ୩ ଆକ୍ରାନ୍ତଙ୍କର ଟ୍ରାଭେଲ୍ ହିଷ୍ଟ୍ରି ରହିଥିବା ଜଣାପଡ଼ିଛି । ସେମାନେ କେବଳ ଅନ୍ୟ ଜିଲ୍ଲାକୁ ଯାଇଥିଲେ । ସେଠାରୁ ଫେରିବା ପରେ ସେମାନଙ୍କର କୋବିଡ ଟେଷ୍ଟ କରାଯିବା ପରେ ସେମାନେ କରୋନା ପଜିଟିଭ ବାହାରିଥିଲେ ।

# ମାଟ୍ରିକ ପରୀକ୍ଷା ଖାତା ନେଇ ଯାଉଥିବା ଟ୍ରକ ଓଲଟିଲା, ଡ୍ରାଇଭର ଗୁରୁତର

ବୌଦ୍ଧ, ୦୬/୭ (ନି.ପ୍ର): ବଲାଙ୍ଗୀର ଜିଲା ଟିଟିଲାଗଡରୁ ମୂଲ୍ୟାୟନ ସରିଥିବା ମାଟ୍ରିକ ପରୀକ୍ଷା ଖାତା ଗୁଡିକ ନେଇ କଟକ ବୋର୍ଡ କାର୍ଯ୍ୟାଳୟକୁ ଫେରୁଥିବା ଏକ ଟ୍ରକ ରବିବାର ପ୍ରତ୍ୟୁଷରେ ଖୋର୍ଦ୍ଧା- ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧଜିଲାର ଖଜୁରୀପଡା ଠାରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟିପଡିବା ଫଳରେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଆହତ ଡ୍ରାଇଭରଙ୍କୁ ୧୦୮ ଆମ୍ବୁଲାନସ ଯୋଗେ ଅଣାଯାଇ ବୌଦ୍ଧ ମୁଖ୍ୟଚିକିତ୍ସାଳୟରେ ଭର୍ତି କରାଯାଇଛି । ଏହି ଦୁର୍ଘଟଣାରେ ପରୀକ୍ଷାଖାତା ଗୁଡିକ ନଷ୍ଟ ହୋଇଥିବାବେଳେ ବୌଦ୍ଧ ପୋଲିସ ପହଂଚି ଗାଡିକୁ ଜବତ କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଜିଲ୍ଲାରେ ସ୍ୱାସ୍ଥ୍ୟବୀମା ଯୋଜନା ବାଟବଣା : ୨୯ ଜିଲାରେ ଚାଲିଛି, ଭଦ୍ରକ ବାଦ୍

ଭଦ୍ରକ, ୬/୭ (ହି.ସ.) - ଲୋକେ କାହାକୁ କହିବେ ଶୁଣିବ କିଏ ? ସମସ୍ତେ ଘୋଷଣାରେ ବ୍ୟସ୍ତ । କିନ୍ତୁ କାର୍ଯ୍ୟକାରୀ ହେଉନି ସରକାରଙ୍କ ଗରିବ ଯୋଜନା । ଯେଉଁଥିପାଇଁ ଭଦ୍ରକ ଜିଲାରେ ସ୍ୱାସ୍ଥ୍ୟ ବୀମା ଯୋଜନା ବାଟମଣା ହୋଇଯାଇଛି । ଲୋକମାନଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ହଜିଗଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମିଳିବା କଥା । କିନ୍ତୁ ଦୁର୍ଭାଗ୍ୟର ବିଷୟ, ତାହା କାହାକୁ ମିଳୁନି । ସରକାରଙ୍କର ଭଦ୍ରକ ଜିଲା ପ୍ରତି ପାତର ଅନ୍ତର କଣ ପାଇଁ । କାରଣ ରାଜ୍ୟରେ ୩୦ଟି ଜିଲାରୁ ୨୯ଟି ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିଲା ବେଳେ ଭଦ୍ରକ କାହିଁକି ନୁହେଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଗ୍ରିମେଂଟ ଅନୁସାରେ ରୋଗୀ ଚିକିତ୍ସା ହୋଇ ସାରିବାର ୩୦ ଦିନରେ ଚିକିତ୍ସାଳୟକୁ ତାର ପ୍ରାପ୍ୟ ମିଳିବା କଥା । ବିଡମ୍ବନା ହେଲା ଭଦ୍ରକ ଜିଲାରେ ୨୦୧୯ ଜୁଲାଇରୁ ବାକି ପଇସା ଗଡି ଗଡି ଚାଲିଛି । ଅନ୍ୟପକ୍ଷରେ ରେଫର ଓ ରିଜର୍ଭ ନୋଟିସ୍‌କୁ ନେଇ ଦ୍ୱନ୍ଦ୍ୱ ରୋଗୀମାନଙ୍କ ମଧରେ ରହିଛି ଯେ ତାହା ଏଯାଏଁ ଖୁଲାସା ହେଉନି । ରାଜ୍ୟ ହେଲ୍‌ଥ ଇନ୍ସ୍ୟୁରାନ୍ସ ସୋସାଇଟି ଦାୟିତ୍ୱ ନେବା ପରେ ବିନା କାରଣରେ ବେସରକାରୀ ଚିକିତ୍ସା ଅନୁଷ୍ଠାନର ବହୁ କ୍ଲେମ୍ କାଟି ଦିଆଯାହଇଛି । ଯାହା ପାଇଁ ବେସରକାରୀ ଚିକିତ୍ସା ଅନୁଷ୍ଠାନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଦେଖିଲେ ଚିକିତ୍ସା କରିବାକୁ ପଛଘୁ । ଦେଉଛନ୍ତି । ରାଜ୍ୟ ଭିତରେ ଅବସ୍ଥା ଯଦି ଏହିପରି ତେବେ ରାଜ୍ୟ ବାହାରେ ସରକାର ଅନୁବନ୍ଧିତ କରିଥିବା ବେସରକାରୀ ଚିକିତ୍ସା ଅନୁଷ୍ଠାନ କି ସେବା ଯୋଗାଇ ଦେଉଛନ୍ତି, ତାହା ବି ସନ୍ଦେହ । ଭଦ୍ରକ ଜିଲାରେ ରୋଗୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଥିଲେ ମଦ୍ୟ ଚିକିତ୍ସା ପାଇଁ ହାତରୁ ଖର୍ଚ୍ଚାନ୍ତ ହେଉଛନ୍ତି । ତଥ୍ୟ ଅନୁସାରେ ୨୦୨୦ ମାର୍ଚ୍ଚ ମାସ ଠାରୁ ବୀମା ଠପ୍ ହୋଇଯାଇଛି । ଏହି ସୁବିଧା ବେସରକାରୀ ଡାକ୍ତରଖାନା ମାନଙ୍କରେ ଚିକିତ୍ସିତ ହେଉଥିବା ଗରିବ ରୋଗୀଙ୍କ ପାଇଁ ଉପଲବ୍ଧ ଥିବାରୁ ସରକାରଙ୍କ ଚିଠି ମୁତାବକ ଭଦ୍ରକ ଜିଲାରେ ୧୨ଟି ବେସରକାରୀ ଡାକ୍ତରଖାନାକୁ ଚିକିତ୍ସା ସୁବିଧା ଦେବା ପାଇଁ ଅନୁମତି ମିଳିଥିଲା । ୨୦୨୦ ରେ ସେଥିରୁ ଚାନ୍ଦବାଲିରେ ଥିବା ବିନାୟକ ନର୍ସିଂ ହୋମ୍‌କୁ ବାଦ ଦେଇ ବାକି ୧୧ଟି ବେସରକାରୀ ଡାକ୍ତରଖାନାକୁ ଅନୁମତି ଦେବାକୁ ରାଜ୍ୟରୁ ନିର୍ଦ୍ଦେଶ ହେଲା । କିନ୍ତୁ କେବଳ ସାଇ ନର୍ସିଂହୋମ୍‌କୁ ଛାଡି ବାକି ୧୦ଟିକୁ ଆଜିଯାଏଁ ଅନୁମତି କି ସୁବିଧା ମିଳୁନି । ସରକାରଙ୍କ ଘୋଷଣା ଅନୁଯାୟୀ ଚିକିତ୍ସା ସୁବିଧା ଯୋଗାଉଥିବା ବେସରକାରୀ ଡାକ୍ତରଖାନା ଗୁଡିକୁ ୨୦୧୯ ଜୁଲାଇରୁ ପାଉଣା ମିଳୁନି । ସୂଚନାଯୋଗ୍ୟ ଯେ ୨୦୧୮ ଅକ୍ଟୋବର ୩୧ ତାରିଖ ସୁଦ୍ଧା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାର ଅବଧି ଶେଷ ହୋଇଯାଇଥିଲା । ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିବା ପରେ ଏହାର ସମୟସୀମା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ୨୦୧୮ ଡିସେମ୍ବର ୩୧ ତାରିଖ ପରେ ଏହାର ଅବଧି ସରିଯାଇଥିବାରୁ ଏହି କାର୍ଡ ସାମୟିକ ସମୟ ପାଇଁ ଅଚଳ ଥିଲା ପରେ ରିନ୍ୟୁ ହେଲା । ଜଣାଯାଏ ଯେ ରାଜ୍ୟ ସରକାର ବିଜୁ କୃଷକ କଲ୍ୟାଣ ଯୋଜନା ଏସ-୧ କାର୍ଡ ପ୍ରଚଳନ କଲେ । ଏହି କାର୍ଡ ପିଛା ବାର୍ଷିକ ପ୍ରିମିୟମ୍ ସରକାର ୨୮୧ ଟଙ୍କା ଲେଖାଏଁ ଡିପୋଜିଟ୍ କରୁଥିଲେ । ଭଦ୍ରକ ଜିଲାରେ ଏହି କାର୍ଡର ସଂଖ୍ୟା ୧ ଲକ୍ଷ ୬ ହଜାର ୨୧୦ ଗୋଟି । ଏହି କାର୍ଡ ବଳରେ ରୋଗୀ ୧ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ସୁବିଧା ପାଇପାରିବେ । ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରାଗଲା ୨୦୧୩ ଡିସେମ୍ବର ୧ ତାରିଖରେ । ଏହାର ଅବଧି ୧ ବର୍ଷ ରହିଥିଲା । କିନ୍ତୁ ୨୦୧୪ ରେ ନୂଆ ସରକାର କେନ୍ଦ୍ରରେ ଆସିବା ପରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାକୁ ଦୁଇ ମାସିଆ ଓ ତିନି ମାସିଆ ଏକ୍ସଟେନସନ୍ ପ୍ୟାଚ୍ ପକା କାମରେ ସମୟ ଗଡାଗଲା । ବାରମ୍ବାର ପ୍ୟାଚ୍ ପକାଯାଇ ୨୦୧୮ ଡିସେମ୍ବର ୩୧ ରେ ସଂପୂର୍ଣ୍ଣ ବନ୍ଦ ହୋଇଗଲା । ଭଦ୍ରକ ଜିଲାର ୧୧ଟି ଘରୋଇ ଓ ୭ଟି ସରକାରୀ ଡାକ୍ତରଖାନା ସମେତ ରାଜ୍ୟରେ ଏହି ଯୋଜନା ପାଇଁ ପଂଜିକୃତ ସମସ୍ତ ଘରୋଇ ଓ ସରକାରୀ ଡାକ୍ତରଖାନାରେ ଏବେ ଏହି ଯୋଜନା ଠପ୍ ହୋଇଯାଇଛି । ଅନ୍ୟପକ୍ଷରେ ଏହି ସମସ୍ୟାକୁ ଲକ୍ଷ୍ୟ କରି ରାଜ୍ୟ ସରକାର ୨୦୧୯ ଜାନୁଆରୀ ୧ ତାରିଖ ଠାରୁ ବିଜୁ କୃଷକ କଲ୍ୟାଣ ଯୋଜନା ଏସ-୨ କାର୍ଡ ପ୍ରଚଳନ କଲେ । କାରଣ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ କେନ୍ଦ୍ର ଦେଉଥିଲେ ୩୦ ହଜାର ଟଙ୍କା ଓ ରାଜ୍ୟ ଦେଉଥିଲେ ୭୦ ହଜାର ଟଙ୍କା । ଡିସେମ୍ବର ୩୧ ରୁ କେନ୍ଦ୍ର ଏହାକୁ ବନ୍ଦ କରିଦେବା ପରେ ରାଜ୍ୟ ସରକାର ଏହାକୁ ଏସ-୨ କାର୍ଡ ନାମରେ ନାମିତ କରି ସଂପୂର୍ଣ୍ଣ ୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା ଓ ନିର୍ଦ୍ଦେଶ ଦେଲେ । ବିଡମ୍ବନା ହେଲା ୨୦୧୯ ଜୁଲାଇ ଠାରୁ ଭଦ୍ରକ ଜିଲାରେ ବେସରକାରୀ ଡାକ୍ତରଖାନା ପାଉଣା ପାଇନଥିବାବେଳେ ଏବେ ଏହା ସଂପୂର୍ଣ୍ଣ ଠପ୍ ହେବାକୁ ବସିଛି । ଭଦ୍ରକ ଜିଲାରେ ଭୂମିକା ହସ୍‌ପିଟାଲ, ବିନାୟକ ନର୍ସିଂହୋମ୍, ଚିରାଗ ହସ୍‌ପିଟାଲ, ଓମସାଇ ହସ୍‌ପିଟାଲ, ପାଢୀ ହେଲଥ୍ କେୟାର, ସାଇ ଭରଦ୍ୱାଜ ହସ୍‌ପିଟାଲ, ସାଇ ନର୍ସିଂହୋମ୍, ଶ୍ରୀରାମ ହସ୍‌ପିଟାଲ, ଶୁଭମ୍ ହେଲଥ୍ କେୟାର, ଉମାଶଙ୍କର ହେଲଥ୍ କେୟାର, ସାଳନ୍ଦୀ ନର୍ସିଂହୋମ୍ ଓ ପାଣିଗ୍ରାହୀ ହେଲଥ୍ କେୟାର ପ୍ରମୁଖ ଥିଲା । ଏବେ କେବଳ ସାଇ ନର୍ସିଂହୋମ୍ କାମ କରୁଛି । ବୀମା କଂପାନୀ ଠକାଇ ଚାଲିଛି । ସରକାର ଓ ପ୍ରଶାସନ ବୁଝିବ ବୁଝିବ କିଛି ବୁଝୁନାହିଁ ।

## ଅନନ୍ତ ଶୟନରେ ମହାବାହୁ, ପଦ ପ୍ରକ୍ଷାଳନ କରୁଛନ୍ତି ମା ମହାଲକ୍ଷ୍ମୀ

ପୁରୀ, ୦୬/୭ (ନି.ପ୍ର): ହରିଶୟନ ଏକାଦଶୀ ଠାରୁ ମହାପ୍ରଭୁ ଅନନ୍ତ ଶୟନରେ ରହିଛନ୍ତି । ଚର୍ତୁମାସିଆ ୪ ମାସ ପର୍ଯ୍ୟନ୍ତ ପ୍ରଭୁ ଶୟନ କରିବେ । ଏହି ସମୟରେ ମହାଲକ୍ଷ୍ମୀ ପ୍ରଭୁଙ୍କ ଯାତ୍ରାଜନିତ କ୍ଳାନ୍ତିକୁ ଦୂର କରିବା ପାଇଁ ପଦ ପ୍ରକ୍ଷାଳନ କରିବେ । ଅନନ୍ତ ଶୟନର ଚିତ୍ର ଶ୍ରୀମନ୍ଦିର ଭିତରେ ରହିଛି । ଏହି ୪ ମାସ ପର୍ଯ୍ୟନ୍ତ କୌଣସି ଶୁଭ କାର୍ଯ୍ୟ ହେବ ନାହିଁ । ପ୍ରଭୁ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଜାଗ୍ରତ ହେବେ । ଏହି ସମୟରେ ପ୍ରଭୁ ନିଦ୍ରା ଯାଇଥିଲେ ମଧ ଭକ୍ତଙ୍କ ଗୁହାରି ଶୁଣନ୍ତି ବୋଲି ବିଶ୍ୱାସ ରହିଛି ।

# ଭକ୍ତ ଓ ସେବକ ଉଭୟଙ୍କୁ ଧନ୍ୟବାଦ

ଭୁବନେଶ୍ୱର, ୦୬/୭ (ନି.ପ୍ର): ନୀଳାଦ୍ରି ବିଜେ ସହିତ ଐତିହାସିକ ଓ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସୂଚାରୁ ରୂପେ ଶେଷ ହୋଇଛି । ଦେଶ, ବିଦେଶ ତଥା ରାଜ୍ୟରେ ଭୟଙ୍କର କରୋନା ମାଡ଼ି ଚାଲିଥିବା ସମୟରେ ଅଧିକ ଅନିଶ୍ଚିତତାରେ ଥିବା ରଥଯାତ୍ରାକୁ ଶେଷ ମୁହୂର୍ତ୍ତରେ ନିଶ୍ଚିତତାରେ ପରିଣତ କରିବା ସହିତ ଅତି ସୁନ୍ଦର ଭାବରେ ପରିଚାଳନା କରିଥିବା ପାଇଁ ଉତ୍କଳ ସମ୍ମିଳନୀ ଗଜପତି ମହାରାଜା ଦିବ୍ୟ ସିଂହଦେବ, ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଓ ପୋଲିସ ପ୍ରଶାସକ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ କୋଟି କୋଟି ଭକ୍ତ ମାନଙ୍କୁ କୃତଜ୍ଞତା ଜଣାଇଛି । ଉତ୍କଳ ସମ୍ମିଳନୀ ପକ୍ଷରୁ ଧନ୍ୟବାଦ ଦେବା ଅବସରରେ ସମ୍ମିଳନୀର ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ଭକ୍ତ ଓ ସେବକ ମାନଙ୍କ ପାଇଁ ଓଡ଼ିଶାର ନାମ ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

# ସ୍ୱାମୀଙ୍କୁ ପଥରରେ ଛେଚି ହତ୍ୟା କଲା ବିବାହିତା ପତ୍ନୀ

କେନ୍ଦୁଝର, ୦୬/୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ , ଚମ୍ପୁଆ ଏନ୍ .ଏ .ସ. ଅନ୍ତର୍ଗତ ୮ ନଂ ୱାର୍ଡ ଧଳାଡିହିର ଜଣେ ମଧ୍ୟ ବୟସ୍କା ମହିଳା ନିଜ ସ୍ୱାମୀଙ୍କୁ ଅତି ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରିବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ଏହି ହତ୍ୟାକାଣ୍ଡ ପାରିବାରିକ କଳହରୁ ଘଟିଥିବା କଥା ପୁଲିସ ତାର ପ୍ରାଥମିକ ତଦନ୍ତରୁ ଜାଣିପାରିଛି । ଚମ୍ପୁଆ ଧଳାଡିହିରେ ବିଶାଳ ମୁଣ୍ଡା ସପରିବାର ବାସ କରୁଥିଲେ । କୌଣସି ଘଟଣାକୁ କେନ୍ଦ୍ର କରି ନିଜ ସ୍ୱାମୀ ଉପରେ ବିମୁଖ ହୋଇ ପଡିଥିଲା ତାର ପତ୍ନୀ ଚାନ୍ଦ ମୁଣ୍ଡା । ଯେଉଁଥିପାଇଁ ଶନିବାର ରାତ୍ରୀରେ ବିଶାଳ ମୁଣ୍ଡା ପିଲାମାନଙ୍କ ସହ ଶୋଇଥିବା ବେଳେ ପୂର୍ବ ଯୋଜନାନୁଯାୟୀ ପତ୍ନୀ ଚାନ୍ଦ ମୁଣ୍ଡା ସ୍ୱାମୀର ମୁଣ୍ଡକୁ ଅତି ନିର୍ଦ୍ଦୟ ଭାବେ ପଥରରେ ଛେଚି ହତ୍ୟା କରିଥିଲା । ଏହି ହତ୍ୟାକାଣ୍ଡ ସମୟରେ ବାପା ପାଖରେ ଶୋଇଥିବା ପିଲାମାନେ ମଧ୍ୟ ଜାଣିପାରି ନଥିବା କହିଛନ୍ତି । ଫଳରେ ଭୋର ସମୟରେ ଉଠିବା ପରେ ହିଁ ସେମାନେ ଘଟଣା ସମ୍ପର୍କରେ ଜାଣି ବାକୁ ପାଇଥିଲେ । ଖବରପାଇ ଚମ୍ପୁଆ ଥାନା ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ପ୍ରଧାନ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଂଚି ସବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

# ଶ୍ରାବଣ ଆରମ୍ଭ , ବୋଲବମ୍ କାଉଡିଆଙ୍କ ରାସ୍ତାରେ କଂଟା ସାଜିଛି କରୋନା

ଭୁବନ, ୦୬/୭ (ନି.ପ୍ର): ରାତି ପାହିଲେ ଶ୍ରାବଣର ପ୍ରଥମ ସୋମବାର । କିନ୍ତୁ ନିଜକୁ ପ୍ରସ୍ତୁତ କରି ପାରୁନାହାଁନ୍ତି କାଉଡିଆ । ମହାମାରୀ କରୋନା ସେମାନଙ୍କ ପ୍ରସ୍ତୁତି ରାସ୍ତାରେ କଂଟା ସାଜିଛି । ଦିନକୁ ଦିନ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିବା କାରଣରୁ ଢେଙ୍କାନାଳ ଜିଲ୍ଲାପାଳ ଚଳିତ ବର୍ଷ ଜିଲ୍ଲାର ସମସ୍ତ ଶୈବପୀଠରେ କାଉଡିଆଙ୍କ ଜଳଲାଗି ନିଷିଦ୍ଧ କରିଛନ୍ତି । ଫଳରେ ବୋଲବମ୍ ଭକ୍ତମାନଙ୍କ ମାନସିକ ପୂରଣ ହୋଇପାରିବ ନାହିଁ ବୋଲି ବହୁ ଭକ୍ତ ବ୍ୟଥିତ ହୋଇ ପଡିଛନ୍ତି । ପୂର୍ବ ବର୍ଷ ମାନଙ୍କର ରେକର୍ଡ ଅନୁଧ୍ୟାନ କଲେ ଜଣାପଡେ ଯେ, ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ କପିଳାସ ପୀଠରେ ଲକ୍ଷାଧିକ କାଉଡିଆ ଜଳଲାଗି କରୁଥିବା ବେଳେ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱରଙ୍କ ନିକଟରେ ପ୍ରତି ପାଳି ପ୍ରାୟ ୧୦ ହଜାର କାଉଡିଆ ଜଳଲାଗି କରିଥାନ୍ତି । ଚଳିତ ବର୍ଷ କରୋନା ସକାଶେ ଯେଉଁଠି ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କେବଳ ବିଧିରକ୍ଷା ନିମନ୍ତେ କରାଗଲା ସେଠି ବୋଲବମ ଭକ୍ତ (କାଉଡିଆ) ଙ୍କ ପାଇଁ କିଏ ଅନୁମତି ଦେବ ଓ ଜାଣିଶୁଣି ବିପଦକୁ ବରଣ କରିବ । ପୂବରୁ ବୋଲବମ୍ ଭକ୍ତମାନେ କାଉଡିଆ ଡ୍ରେସ ଠାରୁ ଆରମ୍ଭ କରି ପାଣି ଭାର ପାଇଁ ବାହୁଙ୍ଗି,କଳସ,ବୋଲବମ୍ ସାମଗ୍ରୀ,ଭୋଗ ଇତ୍ୟାଦି କିଣାକିଣି କରନ୍ତି ଓ ।ବ୍ୟବସାୟୀ ମାନଙ୍କର ଭଲ ବିକ୍ରି ହୁଏ । ଲକଡାଉନ୍ ସାଙ୍ଗକୁ ଜିଲ୍ଲାପାଳଙ୍କ ବାରଣ ଯୋଗୁଁ ଚଳିତ ବର୍ଷ ବେପାର ସଂପୂର୍ଣ୍ଣ ଠପ୍ ବୋଲି ବ୍ୟବସାୟୀ ମାନଙ୍କଠାରୁ ସୂଚନା ମିଳିଛି । ତେବେ ବର୍ତମାନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଆସନ୍ତା ବର୍ଷକୁ ଅପେକ୍ଷା କରିବାକୁ ବାଧ୍ୟ ହେବେ ବୋଲି କାଉଡିଆ ମାନେ ସୂଚନା ଦେଇଛନ୍ତି । କଣ କୁହନ୍ତି କାଉଡିଆ.......

କରୋନାମୁକ୍ତ ଓଡିଶା ଓ ଭାରତ ପାଇଁ ପ୍ରାର୍ଥନା କରୁଛି - ଦେବାଶିଷ ସାହୁ (କୁନା)- ଜଣେ ଶୈବଭକ୍ତ ହୋଇଥିବାରୁ ମୁଁ ଶ୍ରାବଣ ମାସ ଶେଷ ସୁଦ୍ଧା କରୋନା ମୁକ୍ତ ଓଡିଶା ଓ ଭାରତ ମାତା ଙ୍କ ପାଇଁ ପ୍ରାର୍ଥନା କରୁଛି ଏବଂ ସେହି ସମୟରେ ମୋର ବନ୍ଧୁ ତଥା ଓଡିଶାର ଲୋକମାନଙ୍କୁ ଆମ ଭିତରେ ଭୋଲେନାଥ ଙ୍କ ଉପସ୍ଥିତି ଅନୁଭବ କରି ଭଗବାନ ବାବା ବୁଦ୍ଧେଶ୍ୱର ଙ୍କୁ ପୂଜା କରିବାକୁ ଅନୁରୋଧ କରୁଛି । ଆସନ୍ତୁ ପବିତ୍ର ଶ୍ରାବଣ ମାସରେ ମାନବିକତାକୁ ସାହାଯ୍ୟ କରିବା ଏବଂ ସମର୍ଥନ କରିବା ପାଇଁ ଏକ ପ୍ରତିଶ୍ରୁତି ଗ୍ରହଣ କରିବା,ଶିବଭକ୍ତି ଦ୍ୱାରା ପ୍ରତ୍ୟେକ ଘରକୁ ବାବା ବୁଦ୍ଧେଶ୍ୱରଙ୍କ ଶିବାଳୟ ଭାବେ ପରିଣତ କରିବା । ହର ହର ମହାଦେବ ...

ଘରେ ରହି ପ୍ରଭୁ ଙ୍କୁ ପ୍ରାର୍ଥନା କରିବା- ଦିବାକର ବେହେରା- ପ୍ରଭୁଙ୍କ ସେବା କରିବାକୁ ଭଲ ଲାଗେ । ୧୩ ବର୍ଷ ହେଲା ଭୋଳାନାଥଙ୍କ ଠାରେ ଜଳ ଲାଗି କରି ଆସୁଥିଲି ,ଚଳିତ ବର୍ଷ କରୋନା ପାଇଁ ଶ୍ରାବଣ ଯାତ୍ରା ବନ୍ଦ ହୋଇଥିବାରୁ ମନ ଦୁଃଖ କରିବାର କିଛି ନାହିଁ । ଯାହା ହେଉଛି ସବୁ ପ୍ରଭୁଙ୍କ ଇଚ୍ଛାରେ ହେଉଛି । କାଉଡି ଯାତ୍ରା ହୋଇଥିଲେ ନିଶ୍ଚିତ ଭାବେ କରୋନା ସଂକ୍ରମଣ ବୃଦ୍ଧି ପାଇଥାନ୍ତା । ହଜାର ହଜାର କାଉଡିଆଙ୍କ ମେଳରେ ଜଳଲାଗି ସମୟରେ ସାମାଜିକ ଦୂରତା ରକ୍ଷା କରିବା ଆଦୌ ସମ୍ଭବ ହୋଇନଥାନ୍ତା । କରୋନାରୁ ବର୍ତିବା ପାଇଁ ସରକାର ଙ୍କ ନିୟମ ମାନିବା ,ଘରେ ରହିବା,ସୁରକ୍ଷିତ ରହିବା । ତେବେ ଘରେ ରହି ବାବା ବୁଦ୍ଧେଶ୍ୱର ଙ୍କୁ ପ୍ରାର୍ଥନା କରିବା । ସ୍ଥାନୀୟ ଭକ୍ତଙ୍କୁ ସୁଯୋଗ ଦେଇଥିଲେ ହୋଇଥାନ୍ତା - ରୀନାବାଳା ପୃଷ୍ଟି- ମୁଁ ଦୀର୍ଘ ୧୦ ବର୍ଷ ହେଲା ମହାଦେବ ଙ୍କୁ ଜଳଲାଗି କରିଆସୁଛି । ଚଳିତ ବର୍ଷ କରୋନା ପାଇଁ ସରକାରଙ୍କ ବାରଣ ମନରେ ବହୁତ ଦୁଃଖ ହେଲା । ବୁଦ୍ଧେଶ୍ୱର ମନ୍ଦିର କୁ ପଡୋଶୀ ଜିଲ୍ଲା ତଥା ଦୂର ଦୂରାନ୍ତରୁ ହଜାର ହଜାର ଭକ୍ତ ଆସିଥାନ୍ତି । ଚଳିତ ବର୍ଷ କରୋନା ପାଇଁ ଜିଲ୍ଲାପାଳ ବାହାର ଭକ୍ତ ମାନଙ୍କ ପ୍ରବେଶ ଉପରେ ରୋକ୍ ଲଗାଇ କେବଳ ସ୍ଥାନୀୟ (ଭୁବନ) ର ଭକ୍ତ ମାନଙ୍କୁ ସାମାଜିକ ଦୂରତା ରକ୍ଷା କରି ମହାଦେବ ଙ୍କ ନିକଟରେ ଜଳଲାଗି କରିବାର ସୁଯୋଗ ଦେଇଥିଲେ ଭଲ ହୋଇଥାନ୍ତା ।

# ମୟୂରଭଞ୍ଜରେ ପ୍ରଥମ ସଟ୍ ଡ଼ାଉନ-୨ ପୁଲିସ ଛାଉଣି ମଧ୍ୟରେ ଶେଷ

## ପୁଲିସ ଭୟରେ ଔଷଧ ଦୋକାନକୁ ବାଦ ଦେଇ ଅନ୍ୟ ସବୁ ଠପ୍

ବାରିପଦା, ୦୬/୭ (ନି.ପ୍ର): ମୟୂରଭଞ୍ଜରେ ପ୍ରଥମ ସଟ୍ ଡ଼ାଉନ-୨ ପୁଲିସ ଛାଉଣି ମଧରେ ଶେଷ ହୋଇଛି । ବାରିପଦା ସହରରେ ପୁଲିସ ଭୟରେ କେବଳ ଔଷଧ ଦୋକାନକୁ ବାଦ ଦେଇ ପନିପରିବା, ଗ୍ରୋସାରୀ ଆଦି ସର୍ଟ ଡ଼ାଉନରୁ ବାଦ ପଡ଼ିଥିବା ଅନ୍ୟ ସବୁ ବନ୍ଦ ରହିଥିଲା । ସହରରେ ଗୋଟାଏ ଦୁଇଟି ଦୁଗ୍ଧ ବିତରଣ କେନ୍ଦ୍ର ଖୋଲା ରହିଥିବାର ଦେଖିବାକୁ ମିଳିଥିଲା । ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଅନୁସାରେ କୋଭିଡ଼-୧୯ ସଂକ୍ରମଣର ସଫଳ ମୁକାବିଲା ନିମନ୍ତେ ଲକ୍‌ଡ଼ାଉନ(ଅନଲକ୍-୨)କୁ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ସମୟରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ କୋଭିଡ଼-୧୯ ପରିଚାଳନା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜରେ ପ୍ରଥମ ଥର ସପ୍ତାହର ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନିଆ ସଟ୍ ଡ଼ାଉନ ଘୋଷଣା କରିଥିଲେ ଏବଂ ଚଳିତ ସପ୍ତାହର ସର୍ଟଡ଼ାଉନ ଆଜି ଶେଷ ହୋଇଛି । ଏହି ସମୟରେ ଜିଲ୍ଲାର ସଦର ମହକୁମା ବାରିପଦାରେ ରାସ୍ତାଘାଟ ଶୂନଶାନ ରହିଥିଲା । ଅତି ଜରୁରୀ କାର୍ଯ୍ୟ ଥିଲେ କାଁ ଭାଁ ଗାଡ଼ି ମୋଟର ଯାତାୟତ କରୁଥିଲେ ମଧ ସହରର ପ୍ରତ୍ୟେକ ଛକରେ ପୁଲିସ ଅଟକାଇ ସେମାନଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲୁଥିବାର ଦେଖିବାକୁ ମିଳିଥିଲା । ବାରିପଦା ସହର ପୁଲିସ ଛାଉଣୀରେ ପରିଣତ ହୋଇଯାଇଥିଲା । ଏଥି ସହିତ ପୁଲିସ ଭ୍ୟାନ ସହରରେ ପଇଁତରା ମାରୁଥିଲା । ସିସି ଟିଭି କ୍ୟାମେରା ଲାଗିଥିବା ପିସିଆର ଭ୍ୟାନ ସହରରେ ଚକ୍କର କାଟିବା ସହିତ ସର୍ଟଡ଼ାଉନ ନିୟମ ଭଙ୍ଗକାରୀମାନଙ୍କ ଉପରେ କଡ଼ା ନଜର ରଖିଥିଲା ।

# କୋଭିଡ୍ ଯୋଦ୍ଧାଙ୍କୁ ଦ ଥାର୍ଡ ଆଇ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧନା

ଭଦ୍ରକ, ୬/୭ (ହି.ସ.) - ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବନ୍ଦାଳୋ-ମଢିଆଳି ଗ୍ରାମ ପଂଚାୟତ ଏବେ କରୋନା ମୁକ୍ତ ପଂଚାୟତ ଭାବେ ଚର୍ଚ୍ଚାରେ ରହିବା ସହିତ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି । ଅନ୍ୟ ପଂଚାୟତମାନଙ୍କ ପାଇଁ ଏହା ଉଦାହରଣ ସୃଷ୍ଟି କରିଛି । ଏଠାରେ ସଙ୍ଗରୋଧରେ ରହିବା ପାଇଁ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିରରେ ସର୍ବାଧିକ ୯୯ ଜଣ ଅନ୍ତେବାସୀ ରହିଥିବାବେଳେ ଏବେ ମାତ୍ର ୪ ଜଣ ପ୍ରବାସୀ ଓଡ଼ିଆ ରହିଥିବାର ଜଣାଯାଇଛି । ସବୁଠାରୁ ବଡକଥା ହେଲା ଏହି ଶିବିରରୁ ଜଣେ ମଧ ପଜିଟିଭ୍ ଚିହ୍ନଟ ହୋଇନାହାଁନ୍ତି । ତେଣୁ ଏହି କରୋନା ମୁକ୍ତ ପଂଚାୟତର ଗୌରବ ବହନ କରିପାରିଛି । ଏହାର ସମସ୍ତ ଶ୍ରେୟ ସରପଂଚଙ୍କ ସମେତ ଅଙ୍ଗନୱାଡି ଆଉ ଆଶାକର୍ମୀ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠାର ସହିତ ଦାୟିତ୍ୱ ନିଭାଇବା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଦ ଥାର୍ଡ ଆଇ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ପଂଚାୟତ କାର୍ଯ୍ୟାଳୟରେ କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ ସରପଂଚ ପ୍ରମିଳା ସାହୁ, ଗୋପାଳକୃଷ୍ଣ ପଣ୍ଡା, ନୋଡାଲ ଅଫିସର ଅଶୋକ ରାଉତ, ଅଙ୍ଗନୱାଡି କର୍ମୀ କୁମୁଦୁନୀ ରାଉତ, ଆଶାକର୍ମୀ ଉର୍ମିଳା ବେହେରା ଓ ଚନ୍ଦନ କୁମାର ଭୂୟାଁ ପ୍ରମୁଖଙ୍କୁ ଫାଉଣ୍ଡେସନ ତରଫରୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା । ଦ ଥାର୍ଡ ଆଇ ଫାଉଣ୍ଡେସନର ଏହି ପ୍ରତ୍ସାହନମୂଳକ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲ ଓ ସର୍ବସାଧାରଣରେ ପ୍ରଶଂସା କରାଯାଇଥିବାବେଳେ ଅନୁଷ୍ଠାନର ସମସ୍ତ ସଭ୍ୟ/ସଭ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବାର ଜଣାଯାଇଛି ।

# କୁମ୍ଭୀର ଭୟରେ ନଈ ତୁଠକୁ ଯାଉ ନାହାନ୍ତି ୨୦ ଗ୍ରାମବାସିନ୍ଦା

କେନ୍ଦ୍ରାପଡ଼ା, ୦୬/୭ (ନି.ପ୍ର): ଗୋବରୀ ନଦୀରେ କୁମ୍ଭୀର ଭାସୁଥିବା ଯୋଗୁଁ ନିକଟବର୍ତ୍ତୀ ୨୦ ଗ୍ରାମବାସିନ୍ଦା ନଦୀକୁ ଯିବାକୁ ଭୟ କରୁଛନ୍ତି । କେନ୍ଦ୍ରାପଡା ବ୍ଲକର କଂସାର, ଆୟବା, ପୁରୁଷୋତମପୁର, ଓସ୍ତପୁର, କପାଳେଶ୍ୱର ପ୍ରଭୃତି ପଂଚାୟତର ଗୋବରୀ ନଈକୂଳିଆ ଗ୍ରାମର ଲୋକମାନେ ନଦୀକୁ ଯିବାକୁ ଭୟ କରୁଛନ୍ତି । ଗତ ୩୦ ତାରିଖରୁ ଗୋବରୀ ନଦୀରେ କୁମ୍ଭୀର ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏହା ପ୍ରଚାର ହେବା ପରେ ଶହ ଶହ ଲୋକେ ନଦୀର ବିଭିନ୍ନ ଅଂଚଳରେ କୁମ୍ଭୀର ଦୈନିକ ଭାସୁଥିବାର ଠାବ କରୁଛନ୍ତି । ଗୋବରୀ ନଦୀ ଉପରେ ନିର୍ଭର କରୁଥିବା ଏହି ଗ୍ରାମବାସୀ ମାନଙ୍କ ଦୈନନ୍ଦିନ ଜୀବନ ଯାତ୍ରା କୁମ୍ଭୀର ଆତଙ୍କରେ ବାଧା ପାଇଛି । ଏପରିକି ଗାଧୋଇବା ଠାରୁ ନିତ୍ୟ ନୈମିତିକ କର୍ମ ପାଇଁ ଗୋବରୀ ନଦୀକୁ ଆଶ୍ରୟ କରିଥିବା ଏହି ଲୋକମାନଙ୍କ ସମସ୍ୟା ବଢି ଯାଇଥିବା ବେଳେ ପିଲାମାନେ ମଧ ନଦୀରେ ଗାଧୋଇବାକୁ ଯାଇ ପାରୁ ନାହାନ୍ତି । ଏନେଇ କଂସାର ପଂଚାୟତର ସରପଂଚ ପ୍ରଦ୍ୟୁମ୍ନ କୁମାର ଜେନା କୁମ୍ଭୀରକୁ ଆୟତ କରିବା ପାଇଁ ଜିଲ୍ଲାପାଳ ସମର୍ଥ ବର୍ମା ଓ ବନ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ତୁରନ୍ତ ଏହି କୁମ୍ଭୀରକୁ ଆୟତ କରା ନଗଲେ ସ୍ଥାନୀୟ ଅଂଚଳର ଜୀବନ ଓ ପଶୁ ସଂପଦ ଉପରେ ବିପଦର ଆଶଙ୍କା ରହିଛି ।

# ବଡ଼ବିଲ ସହରକୁ ସପ୍ତାହକ ପାଇଁ ସଟ୍ ଡାଉନ୍ ଘୋଷଣା

କେନ୍ଦୁଝର, ୦୬/୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ବଡ଼ବିଲ ଅଂଚଳରୁ ଆଜି ୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ସ୍ୱରୂପ ବଡ଼ବିଲ ସହରକୁ ଆଜି ଠାରୁ ସପ୍ତାହକ ପାଇଁ ସଟ୍ ଡାଉନ୍ ଘୋଷଣା କରାଯାଇଛି । ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଏହି ଘୋଷଣା କରିଛନ୍ତି । କଟକଣା ଅନୁଯାୟୀ, ଏହି ଅବଧି ମଧ୍ୟରେ ମାର୍କେଟ୍ କମ୍ପ୍ଲେକ୍ସ ବନ୍ଦ ରହିବ ଏବଂ ସମସ୍ତ ଅତ୍ୟାବଶ୍ୟକ ସେବା ପୂର୍ବବତ୍ ସ୍ୱାଭାବିକ୍ ରହିବ । ଏପରିକି ନୂଆ ଚିହ୍ନଟ ସମସ୍ତ ୧୧ ଆକ୍ରାନ୍ତ ଲୋକାଲ୍ କେସ୍ ଥିବା ସ୍ପଷ୍ଟ କରିଛନ୍ତି ଜିଲ୍ଲାପାଳ । ଏଠାରେ ଉଲ୍ଲେଖଯୋଗ୍ୟ, ଜିଲ୍ଲାରେ ସାପ୍ତାହିକ (ଶନିବାର, ରବିବାର) ଦୁଇ ଦିନିଆ ସଟ୍ ଡାଉନ୍ ଜାରୀ ରହିଛି ।

## [redacted]




ମହାରାଷ୍ଟ୍ରର ଏକ ସୁସ୍ୱାଦୁ ଖାଦ୍ୟ ଭାକରୱାଡ଼ି । ସ୍ଥଳ ବିଶେଷରେ ଏହାକୁ ବାକରୱାଡ଼ି ମଧ କୁହାଯାଇଥାଏ । ଏହାକୁ ଲୋକେ ସାନ୍ଧ୍ୟାକାଳୀନ ସ୍ନାକ୍ସ ଭାବରେ ଖାଇବାକୁ ଅଧିକ ପସନ୍ଦ କରିଥାଆନ୍ତି । ମହାରାଷ୍ଟ୍ରର ଲୋକପ୍ରିୟ ଖାଦ୍ୟ ହୋଇଥିଲେ ମଧ ଏହା ପ୍ରକୃତରେ ଗୁଜରାଟରେ ପ୍ରଥମେ ତିଆରି ହେଉଥିଲା । ତେଣୁ ଭାକରୱାଡ଼ିର ଜନ୍ମସ୍ଥଳ ଗୁଜରାଟ ବୋଲି ଅନେକେ କୁହନ୍ତି । ବିଶେଷ କରି ଗୁଜରାଟ ଓ ମହାରାଷ୍ଟ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାକରୱାଡ଼ି ପ୍ରସ୍ତୁତ ହେଉଥିବାରୁ ଉଭୟ ରାଜ୍ୟର ଲୋକମାନେ ଏହାକୁ ନିଜ ନିଜର ଖାଦ୍ୟ ବୋଲି କହିଥାଆନ୍ତି । ପ୍ରସ୍ତୁତି ପ୍ରଣାଳୀ ପ୍ରାୟ ସମାନ ଥିଲା ବେଳେ କେବଳ ମସଲାର ସ୍ୱାଦରେ ଟିକେ ଭିନ୍ନତା ଆସିଥାଏ । ନହେଲେ ମହାରାଷ୍ଟ୍ର ଓ ଗୁଜରାଟର ଭାକରୱାଡ଼ି ସ୍ୱାଦ ପ୍ରାୟ ସମାନ ହୋଇଥାଏ । ବର୍ଷାଦିନେ ସନ୍ଧ୍ୟାବେଳେ ଗରମାଗରମ ଚା ସହିତ ଭାକରୱାଡ଼ିର ସ୍ୱାଦ ନେବାକୁ ଛୋଟ ଛୋଟ ଜଳଖିଆ ଦୋକାନ ଆଗରେ ଲୋକଙ୍କ ଭିଡ଼ ଜମିଥାଏ । ଅନେକେ ଏହାକୁ ଘରେ ମଧ ପ୍ରସ୍ତୁତ କରିଥାଆନ୍ତି । କୁହାଯାଏ ୧୯୭୦ ମସିହା ବେଳକୁ ଭାକରୱାଡ଼ି ଗୁଜରାଟର ସୀମା ଅତିକ୍ରମ କରି ମହାରାଷ୍ଟ୍ରରେ ପ୍ରବେଶ କରିଥିଲା । ସେବେଠାରୁ ଗୁଜରାଟ ତୁଳନାରେ ମହାରାଷ୍ଟ୍ରରେ ଏହା ଅଧିକ ଲୋକପ୍ରିୟ ହୋଇପାରିଛି । ଆଳୁ ପୁରଦିଆ ଭାକରୱାଡ଼ି ସବୁଠୁ ଅଧିକ ପସନ୍ଦ କରାଯାଇଥାଏ । ତେବେ ଆଜିକାଲି ବିଭିନ୍ନ ସ୍ୱାଦ ଏବଂ ପୂରରେ ଭାକରୱାଡ଼ି ପ୍ରସ୍ତୁତ କରାଯାଉଛି । ବଡ଼କଥା ହେଲା ଇଣ୍ଟରନେଟ୍ ଦୟାରୁ ଭାକରୱାଡ଼ିର ପରିଚୟ ମହାରାଷ୍ଟ୍ର ଓ ଗୁଜରାଟର ସୀମା ମଧରେ ସୀମିତ ରହି ନାହିଁ । ଲୋକମାନେ ଗୁଗୁଲ କିମ୍ବା ୟୁଟ୍ୟୁବ୍ ଦେଖି ଘରେ ଭାକରୱାଡ଼ି ପ୍ରସ୍ତୁତ କରିପାରୁଛନ୍ତି । ତା'ହେଲେ ଆସନ୍ତୁ ଜାଣିବା ଏ ସଂଖ୍ୟାର ସ୍ୱତନ୍ତ୍ର ରେସିପି 'ଭାକରୱାଡ଼ି' ।

**ପ୍ରସ୍ତୁତି:**

ଭାକରୱାଡ଼ି ପ୍ରସ୍ତୁତ କରିବା ପାଇଁ ମଇଦା ଏବଂ ରିଫାଇନ ତେଲ ହେଉଛି ପ୍ରଥମ ସାମଗ୍ରୀ । ଏହାପରେ ଆପଣ ପୁର କିମ୍ବା ମସଲା ପାଇଁ ନିଜ ଇଚ୍ଛାନୁସାରେ ଜିନିଷ ନେଇ ପାରିବେ । ଆପଣ ଆଳୁ ନେଇପାରନ୍ତି । କିମ୍ବା ନଡ଼ିଆ, ପୋସ୍ତଦାନାରେ ବି ପୁର ହୋଇପାରିବ । ତେବେ ଆଳୁ ପୁର ଦିଆ ଭାକରୱାଡ଼ି ଖାଇବାକୁ ସବୁଠୁ ଭଲ ଲାଗେ । ଆସନ୍ତୁ ଜାଣିବା ଭାକରୱାଡ଼ିର ଉପର ଆସ୍ତରଣ ପାଇଁ କଣ ଦରକାର । ଏଥିପାଇଁ ମଇଦା ଦେଢ଼ କପ, ଜୁଆଜି ୧/୪ ଛୋଟ ଚାମଚ, ଲୁଣ ୧/୪ ଛୋଟ ଚାମଚ । ପୁର ପାଇଁ ଦରକାର ହେବ ସିଝାଆଳୁ ୪ଟା (ପ୍ରାୟ ୩୦୦ଗ୍ରାମ), ଧନିଆ ପତ୍ର ସ୍ୱାଦ ଅନୁସାରେ, ଧନିଆ ପାଉଡର ୧ ଛୋଟ ଚାମଚ, ଅଦା ପେଷ୍ଟ ୧/୨ ଛୋଟ ଚାମଚ, କଞ୍ଚାଲଙ୍କା ପେଷ୍ଟ ୧/୪ ଛୋଟ ଚାମଚ, ଲାଲ ଲଙ୍କା ଗୁଣ ୧/୨ ଛୋଟ ଚାମଚ, ଲୁଣ ସ୍ୱାଦ ଅନୁସାରେ । ଛାଣିବା ପାଇଁ ରିଫାଇନ ତେଲ । ଏସବୁ ଜିନିଷକୁ ହାତ ପାଖରେ ରଖନ୍ତୁ । ଏଥର ୨ରୁ ୩ ଟେବଲ ଚାମଚ ମଇଦା ଅଲଗା ରଖି ବାକି ମଇଦାକୁ ଏକ ବନ ପାତ୍ରରେ ନେଇ ସେଥିରେ ୧/୪ ଛୋଟ ଚାମଚ ଲୁଣ, ୧/୪ ଛୋଟ ଚାମଚ ଜୁଆଣି, ୨ ଟେବଲ ଚାମଚ ତେଲ ଏକାଠି କରି ଭଲ କରି ମିଶାଇ ଦିଅନ୍ତୁ । ଏହାପରେ ଏଥିରେ ଅଳ୍ପ ଅଳ୍ପ କରି ପାଣି ମିଶାଇ ଟିକେ ଟାଣ କରି ମଇଦା ଚକଟନ୍ତୁ । ମଇଦା ଚକଟି ସାରିଲା ପରେ ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ଏକ ପାତ୍ର ଉପରେ ଏକ ଢାଙ୍କୁଣରି ଘୋଡ଼ାଇ ଦିଅନ୍ତୁ । ଏହି ସମୟ ମଧରେର ଆପଣ ସିଝା ଆଳୁରୁ ଚୋପା ଛଡ଼ାଇ ସେଥିରେ ଧନିଆ ପାଉଡର, ଲଙ୍କା ପାଉଡର, ଆମଚୁର ପାଉଡର, ଲୁଣ, ଅଦା ପେଷ୍ଟ କଞ୍ଚାଲଙ୍କା ପେଷ୍ଟ, କଟା ହୋଇଥିବା ଧନିଆ ପେଷ୍ଟ ମିଶାଇ ଭଲ କରି ଚକଟି ଦିଅନ୍ତୁ । ଏହାପରେ ଆଗରୁ ଚକଟି ସାରିଥିବା ଧନିଆ ପେଷ୍ଟ ମିଶାଇ ଭଲ କରି ଚକଟି ଦିଅନ୍ତୁ । ଏହାପରେ ଆଗରୁ ଚକଟି ରଖିଥିବା ମଇଦା ଗୁଳାକୁ ଦୁଇ ଭାଗ କରିନିଅନ୍ତୁ । ଗୋଟିଏ ଭାଗକୁ ବେଲଣା ପେଡ଼ିରେ ରଖି ଧୀରେ ଧୀରେ ପତଳା କରି ବେଲି ନିଅନ୍ତୁ । ଏହାପରେ ସେହି ରୁଟି ଉପରେ ଅଧା ପୁରକୁ ରଖି ସ୍ପ୍ରେଡ୍ କରି ଦିଅନ୍ତୁ । ଏହାପରେ ରୁଟିର ଗୋଟିଏ ଧାରକୁ ରୋଲ୍ କଲା ଭଳି ଭଲ କରି ମୋଡି ଦିଅନ୍ତୁ ଯେମିତି ଏହା ଖୋଲିଯିବ ନାହିଁ । ଏହାପରେ ଦୁଇ ମୁଣ୍ଡକୁ ଚାପି ଦିଅନ୍ତୁ ଯେମିତି ମସଲା ବାହାରି ଆସିବ ନାହିଁ । ବାକିଥିବା ମଇଦାରେ ପତଳା ଘୋଳ ପ୍ରସ୍ତୁତ କରନ୍ତୁ । ଏବେ ସେହି ରୋଲ୍‌କୁ ଛୋଟ ଛୋଟ ପିସ୍‌ରେ କାଟନ୍ତୁ । ଗୋଟିଏ ଲେଖାଏଁ ପିସ୍ ହାତରେ ସାମାନ୍ୟ ଚାପି ମଇଦା ଘୋଳରେ ବୁଡ଼ାଇ ଗରମ ତେଲରେ ଛାଣନ୍ତୁ । ତେବେ ଛାଣିଲା ବେଳେ ଆଞ୍ଚ ମଧମ ରଖିବେ । ନହେଲେ ପୋଡ଼ିଯିବାର ଭୟ ରହିଛି । ସାମାନ୍ୟ ବାଦାବି ରଙ୍ଗର ହୋଇଆସିଲେ ତେଲରୁ ଛାଡ଼ି ବାହାର କରନ୍ତୁ । ପ୍ରସ୍ତୁତ ହୋଇଗଲା ଭାକରୱାଡ଼ି । ଏହାକୁ ଯେକୌଣସି ଚଟଣି କିମ୍ବା ସସ୍ ସହିତ ଖିଆଯାଇ ପାରିବ ।

## ୮ ଭାଷାର ଅନୁବାଦ କରିବ ସ୍ମାର୍ଟ ମାସ୍କ



ସାରା ବିଶ୍ୱରେ ଏବେ କରୋନା ଭାଇରସର ପ୍ରକୋପ ବୃଦ୍ଧି ପାଇଚାଲିଛି । ଏହାର କୌଣସି ଔଷଧ କିମ୍ବା ଟୀକା ବାହାରି ନଥିବାରୁ ସତର୍କତାମୂଳକ ପଦକ୍ଷେପ ଭାବେ ମାସ୍କର ବ୍ୟବହାରକୁ ଖୁବ୍ ଗୁରୁତ୍ୱ ଦିଆଯାଉଛି । ଇତିମଧ୍ୟରେ ଜାପାନର ଏକ ଷ୍ଟାର୍ଟଅପ୍ ଡୋନଟ୍ ରୋବୋଟିକ୍ସ ଏକ ସ୍ମାର୍ଟ ଫେସ୍‌ମାସ୍କ ବିକଶିତ କରିଛି । ଏହା ଇଣ୍ଟରନେଟ୍ କନେକ୍ସନ୍ ସହ ଆସୁଥିବାରୁ ଏହାକୁ 'କନେକ୍ଟେଡ୍' ମାସ୍କ ବୋଲି ମଧ୍ୟ କୁହାଯାଉଛି । ମାସ୍କଟି ମେସେଜ୍ ପଠାଇବା ସହିତ ଜାପାନୀ ଭାଷାରୁ ୮ଟି ଅନ୍ୟ ଭାଷାକୁ ତଥ୍ୟ ଅନୁବାଦ କରିପାରିବ । ଏପରିକି ଫୋନ୍ କଲ ବି କରିପାରିବ । ରୟଟର୍ସର ରିପୋର୍ଟ ଅନୁସାରେ ପ୍ଲାଷ୍ଟିକ୍‌ରୁ ତିଆରି ଏହି ଧଳା ରଙ୍ଗର ମାସ୍କ ନାମ 'ସି-ମାସ୍କ' ରଖାଯାଇଛି । ଏହା ଏକ ବ୍ଲୁଟୁଥ୍ ଯୁକ୍ତ ଡିଭାଇସ୍ ହୋଇଥିବାବେଳେ ଏକ ଆପ୍ ମାଧ୍ୟମରେ ଏହାକୁ ସ୍ମାର୍ଟଫୋନ୍ କିମ୍ବା ଟାବଲେଟ୍ ସହିତ ସଂଯୋଗ କରିବାକୁ ପଡ଼ିବ । ସେହି ଆପ୍ ବ୍ୟବହାରକାରୀଙ୍କ କଥାକୁ ଟେକ୍ସଟ ମେସେଜ୍‌ରେ ପରିବର୍ତ୍ତନ, ବିଭିନ୍ନ ଭାଷାରେ ଅନୁବାଦ, କଲ୍ କରିବା ଇତ୍ୟାଦି କାମ କରିବ । ସେପ୍ଟେମ୍ବର ମାସର ଆରମ୍ଭରେ କଂପାନି ୫୦୦୦ 'ସି-ମାସ୍କ'କୁ ଜାପାନୀ ଗ୍ରାହକଙ୍କୁ ଉପଲବ୍ଧ କରାଇବା ଲାଗି ଟାର୍ଗେଟ ରଖିଛି । ପରେ ଚୀନ୍, ୟୁରୋପ, ଆମେରିକାରେ ମଧ୍ୟ ଏହାକୁ ବିକ୍ରି କରିବାକୁ ଲକ୍ଷ୍ୟ ରହିଛି । ଭାରତୀୟ ମୁଦ୍ରାରେ ଏହାର ଦାମ୍ ପ୍ରାୟ ୩ ହଜାର ଟଙ୍କା । ଏହାକୁ ସାଧାରଣ ମାସ୍କ ଉପରେ ବି ପିନ୍ଧି ହେବ ବୋଲି ଷ୍ଟାର୍ଟଅପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ।

## କୃତ୍ରିମ ଗୋଡ଼ରେ ମଡେଲ୍




ନ୍ୟୁୟର୍କର ବ୍ରୁକଲିନ୍ ନିବାସୀ କିଆରା ମାର୍ଶଲ ୧୦ ବର୍ଷ ବୟସରେ ଗୋଟିଏ ଗୋଡ଼ ହରାଇଥିଲେ । ସେଦିନ ସେ ନିଜ ପରିବାର ସହିତ ସ୍ୱତନ୍ତ୍ରତା ଦିବସ ସମାରୋହର ଆୟୋଜନରେ ସାମିଲ ହେବାକୁ ଯାଇଥିଲେ । ଫେରୁଥିବା ସମୟରେ ମଦ ନିଶାରେ ଥିବା ଜଣେ ଗାଡ଼ି ଚାଳକ ତାଙ୍କର ଡାହାଣ ଗୋଡ଼ ଉପରେ ଗାଡ଼ି ଚଳାଇ ଦେଇଥିଲା । ଗୁରୁତର ଭାବେ ଆଘାତପ୍ରାପ୍ତ କିଆରାଙ୍କର ଗୋଡ଼କୁ ରକ୍ଷା କରିବାକ ସମ୍ଭବପର ନଥିଲା । ତେବେ ଖୁବ୍ ଶୀଘ୍ର କୃତ୍ରିମ ଗୋଡ଼ ଲାଗିବାରୁ ତାଙ୍କୁ ନୂଆ ଜୀବନ ମିଳିଗଲା ।

ନିଜର କଠିନ ପରିଶ୍ରମ ବଳରେ ସେ ଏବେ ଫ୍ୟାଶନ୍ ଦୁନିଆରେ ବେଶ୍ ପରିଚିତ । ୨୭ ବର୍ଷୀୟା ଏହି ଯୁବତୀ ଆଜି ବହୁ ପ୍ରସିଦ୍ଧ ବ୍ରାଣ୍ଡ ପାଇଁ ମଡେଲିଂ କରୁଛନ୍ତି । ଶାରିରୀକ ଭିନ୍ନକ୍ଷମତା ସତ୍ତ୍ୱେ ଜୀବନକୁ ଆନନ୍ଦର ସହ ବଞ୍ଚିବା ଲାଗି ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି। ବିଭିନ୍ନ ବ୍ରାଣ୍ଡର ଫଟୋସୁଟ୍ ସମୟରେ କିଆରା କେବେହେଲେ ନିଜର କୃତ୍ରିମ ଗୋଡ଼କୁ ଲୁଚାନ୍ତି ନାହିଁ । ବରଂ ତାକୁ ଭଲ ଭାବ ପ୍ରଦର୍ଶନ କରିଥାନ୍ତି, ଯେପରିକି ତାକୁ ଦେଖି ତାଙ୍କ ଭଳି ଅନ୍ୟ ଦିବ୍ୟାଙ୍ଗମାନଙ୍କୁ ଆତ୍ମବିଶ୍ୱାସ ଆସିବ । ଏ ସଂପର୍କରେ କିଆରା କହିଛନ୍ତି, ଗୋଡ଼ ହରାଇବା ପରେ ଖୁବ୍ ନିରାଶ ଥିଲି । ଯେତେବେଳେ କୃତ୍ରିମ ଗୋଡ଼ ସଂପର୍କରେ ଜାଣିଲି ସେତେବେଳେ ଏକ ଆଶା ସୃଷ୍ଟି ହେଲା । ତା' ପରେ ମୁଁ ଏଭଳି କାମ କରିବାକୁ ଚିନ୍ତା କଲି ଯେଉଁଥିରେ ମୋର ଗୋଡ଼କୁ ଲୁଚାଇବାକୁ ପଡୁନଥିବ । ବହୁତ ଚିନ୍ତା କରି ମଡେଲିଂକୁ ବାଛିଲି ।

ମଡେଲିଂ କ୍ଷେତ୍ରରେ ଆଗକୁ ବଢ଼ିବା ପରେ ଗୋଟିଏ ଗୋଡ଼ ନଥିବା କୌଣସି ଫରକ ପକାଉ ନାହିଁ ବୋଲି ବୁଝିଲି । ଏବେ ମୁଁ କୃତ୍ରିମ ଗୋଡ଼ ସହ ଜୀବନକୁ ଉପଭୋଗ କରୁଛି । ୧୮ ବର୍ଷ ବୟସରେ କିଆରା ମଡେଲିଂ ଆରମ୍ଭ କରିଥିଲେ । ୨୦୧୮ରେ ସେ ନ୍ୟୁୟର୍କ ଯାଇ ଦିବ୍ୟାଙ୍ଗ ଏବଂ ପ୍ଲସ ସାଇଜ୍ ମହିଳାଙ୍କ ପାଇଁ କାମ କରୁଥିବା ମଡେଲିଂ ଏଜେନ୍ସି ସହିତ କାମ କଲେ । ନିଜର କଠିନ ପରିଶ୍ରମ ଯୋଗୁ ସେ ଏବେ ମଡେଲିଂ ଦୁନିଆରେ ବେଶ୍ ନାମ କମାଇଛନ୍ତି । ଆଗକୁ ସେ ନିଜ ଭଳି ଦିବ୍ୟାଙ୍ଗ ଝିଅଙ୍କ ପାଇଁ ଅଧିକ କାମ କରିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି ।

## ବିଶ୍ୱର ପ୍ରଥମ ଗୋଲ୍ଡ ପ୍ଲେଟେଡ୍ ହୋଟେଲ



ଭିଏତନାମର ରାଜଧାନୀ ହନୋଇରେ ବିଶ୍ୱର ପ୍ରଥମ ଗୋଲ୍ଡ ପ୍ଲେଟେଡ୍ ହୋଟେଲ ଖୋଲିଛି । ସେଠାରେ ଗେଟ୍, କବାଟ, କଫି କପ୍, ଟେବଲ, ଝରକା, ବାସନକୁସନ ସବୁକିଛିରେ ୨୪ କ୍ୟାରେଟ୍ ସୁନାର ପ୍ରଲେପ ଦିଆଯାଇଛି । ବେଡରୁମ୍‌ରେ ଥିବା ଫର୍ଣ୍ଣିଚର ଏବଂ ଅନ୍ୟ ଆସବାବପତ୍ର ଉପରେ ମଧ୍ୟ ଗୋଲ୍ଡ ପ୍ଲେଟିଂ କରାଯାଇଛି । ଗୁରୁବାର ଏହାର ଶୁଭାରମ୍ଭ ହୋଇଥିବାବେଳେ ଏଇଟି ଦକ୍ଷିଣ ପୂର୍ବ ଏସିଆର ସବୁଠୁ ବିଳାସବହୁଳ ହୋଟେଲ ବୋଲି ଚର୍ଚ୍ଚା ହେଉଛି । ୪ ଶହ କୋଠରୀବିଶିଷ୍ଟ ଏହି ପଞ୍ଚତାରକା ହୋଟେଲର ନାମ 'ଡୋଲସେ ହନୋଇ ଗୋଲ୍ଡନ୍ ଲେକ୍' । ଏହାର ବାହାରପଟ କାନ୍ଥରେ ପ୍ରାୟ ୫୪ ହଜାର ବର୍ଗଫୁଟ ଗୋଲ୍ଡ ପ୍ଲେଟେଡ୍ ଟାଇଲ୍‌ସ ଲାଗିଛି । ହୋଟେଲରେ କର୍ମଚାରୀମାନଙ୍କ ଡ୍ରେସ କୋଡ୍ ମଧ୍ୟ ଲାଲ୍ ଏବଂ ଗୋଲଡେନ୍ ରଙ୍ଗ ରଖାଯାଇଛି । ୨୦୦୯ରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା । ୧୧ ବର୍ଷ ପରେ ନିର୍ମାଣ ଶେଷ ହୋଇଛି । ଏଠାରେ ଡବଲ ବେଡରୁମ୍ ଥିବା ସୁଟ୍‌ରେ ଗୋଟିଏ ରାତି ରହିବା ଲାଗି ଭଡ଼ା ୭୫ ହଜାର ଟଙ୍କା । ସେହିପରି ପ୍ରେସିଡେନ୍ସିଆଲ ସୁଟ୍‌ରେ ରହିବାକୁ ହେଲେ, ରାତିକୁ ୪.୮୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ । ଗୋଲ୍ଡ ପ୍ଲେଟେଡ୍ ହୋଟେଲ୍ ନିର୍ମାଣ ନେଇ କର୍ତ୍ତୃପକ୍ଷ କହିଛନ୍ତି, ସୁନା ଆମର ମାନସିକ ଚାପକୁ କମାଇବାରେ ସହାୟକ ହୋଇଥାଏ । ତେଣୁ ହୋଟେଲରେ ସୁନାର ବହୁଳ ବ୍ୟବହାର କରାଯାଇଛି ।



## ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧରେ ଯାତାୟତ କରିବା ପାଇଁ ଗୋଟିଏ



ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ । ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।

ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧରେର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅର୍ଦ୍ଧେ ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନଙ୍କ ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଧ୍ୟାନ ଦିଆଯାଉ...

କୌଣସି ଲଢ଼େଇ ପାଇଁ ସମ୍ବଳ ପ୍ରଥମ ଆବଶ୍ୟକତା । ଏଥିରେ ସବୁଠୁ ଅଧିକ ମହତ୍ତ୍ୱ ରଖେ ଅର୍ଥ ବା ଟଙ୍କା । ଭାରତ ଏବେ ଯେଉଁ କରୋନା ବିରୋଧୀ ଲଢ଼େଇ ଲଢୁଛି ସେଥିରେ ସରକାରଙ୍କ ଅର୍ଥ ଆବଶ୍ୟକତାର ଗୁରୁତ୍ୱ ସହଜେ ଅନୁମେୟ । ଲଢ଼େଇ ଯେତେ ଲମ୍ୱା ହେବ ଆର୍ଥିକ ସମ୍ବଳର ଚାପ ସେତେ ଅଧିକ ବଢ଼ିବ । ତେଣୁ କେନ୍ଦ୍ର ସରକାର ଅର୍ଥାଗମର ବ୍ୟବସ୍ଥା କରିବାକୁ ଖଣିକ୍ଷେତ୍ରକୁ ପୁନର୍ବାର ଚାଲୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେଥି ମଧ୍ୟରେ ଓଡ଼ିଶାର ଖଣି କ୍ଷେତ୍ରମାନ ରହିଛି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ କେନ୍ଦ୍ରସରକାର ଦେଶର ୪୧ଟି କୋଇଲାଖଣିର ନିଲାମ ପ୍ରକ୍ରିୟାକୁ ଅନୁମୋଦନ କରି ସେ କ୍ଷେତ୍ରରେ କାମ ଆରମ୍ଭ କରିଛନ୍ତି । ଏଥିରେ ଓଡ଼ିଶାର ୯ଟି କୋଇଲାଖଣି ରହିଛି । ଏହି ନିଲାମ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଲା କୋଇଲା ଇନ୍ଧନରେ ଭାରତ ଆତ୍ମନିର୍ଭରଶୀଳ ହେବା ସହିତ ଖନନ ଓ ଉତ୍ତୋଳନରେ ଆଧୁନିକ ପ୍ରଯୁକ୍ତିର ପ୍ରୟୋଗ, ପୁଞ୍ଜିନିବେଶ ଏବଂ ଅଧିକ ନିଯୁକ୍ତି ସୃଷ୍ଟି କରିବା । ଏଥିସହିତ କୋଇଲା ଉତ୍ପାଦନ ବଢ଼ିଲେ ସରକାରଙ୍କ ରାଜସ୍ୱ ଆୟ ବଢ଼ିବ ଏବଂ ସଂପୃକ୍ତ ରାଜ୍ୟ ସରକାରମାନେ ମଧ ଏହାଦ୍ୱାରା ଲାଭାନ୍ୱିତ ହେବେ ।

କୋଇଲା, ଲୁହାପଥର, କ୍ରୋମାଇଟ, ବକ୍ସାଇଟ ଭଳି ବିଭିନ୍ନ ଖଣିଜ ସଂପଦରେ ଭାରତ ପରିପୂର୍ଣ୍ଣ । କେତେକ କ୍ଷେତ୍ରରେ ଏହି ସବୁ ପ୍ରାକୃତିକ ସମ୍ପଦରେ ପ୍ରକୃତି ଭାରତକୁ ବିଶ୍ୱରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରଖିଛି । କୋଇଲା ସଂପଦରେ ଭାରତ ବିଶ୍ୱରେ ପ୍ରଥମ ହୋଇଥିବାବେଳେ ଏବେ ବିଦେଶରୁ ଭାରତକୁ କୋଇଲା ଆସୁଛି । ଆହୁରି ବଡ଼ ବିଡମ୍ୱନା ହେଲା ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ରାଜ୍ୟ କୋଇଲା ଉପରେ ନିର୍ଭର କରୁଛନ୍ତି । ପ୍ରାକୃତିକ ସମ୍ବଳରେ ବଳୀୟାନ ଗୋଟିଏ ଦେଶ ସେ ସବୁର ବ୍ୟବହାର ନ'କରି ବିଦେଶରୁ ଚଢ଼ା ଦାମ୍‌ରେ ଆମଦାନୀ କରିବା ଉଚିତ୍ ନୁହେଁ । ତେଣୁ କରୋନା ମହାମାରୀର ମୁକାବିଲା ସମୟରେ ଅର୍ଥନୀତିକୁ ସମ୍ଭାଳିବା ପାଣରି ଖଣି କ୍ଷେତ୍ରଗୁଡ଼ିକୁ ପୁନର୍ବାର ଚାଲୁ କରିବା ଏବଂ ସେଗୁଡ଼ିକର ଆଧୁନିକୀକରଣ ନିମନ୍ତେ ପଦକ୍ଷେପ ନେବା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ।

ଏହି କାର୍ଯ୍ୟଟି ସରକାରୀ ମନ୍ଥରତା, ଦୁର୍ନୀତି, କୋଟକଚେରି ମାମଲା ଓ ପରିବେଶଗତ ପ୍ରସଙ୍ଗ ଆଦିକୁ କେନ୍ଦ୍ରକରି ଅନେକ ବିଳମ୍ବିତ ହୋଇଯାଇଥିଲା । ତେଣୁ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଖଣି ଓ କୋଇଲା କ୍ଷେତ୍ରରେ ବିକାଶ ନିଶ୍ଚୟ ଅଭିନନ୍ଦନୀୟ । ତେବେ ଏହାକୁ ନେଇ ଏବେ ପରିବେଶପ୍ରେମୀଙ୍କ ମହଲରେ ବିରୋଧ ପ୍ରକାଶ ପାଇଛି । ଏହା ହେବା ସ୍ୱାଭାବିକ । ଖଣିକ୍ଷେତ୍ର ଅତ୍ୟନ୍ତ ପରିବେଶ ପ୍ରଦୂଷଣପ୍ରବଣ ଏବଂ ଜନବିରୋଧୀ । ସରକାରୀ ନୀତି ନିୟମକୁ ଖୋଲା ଉଲ୍ଲଙ୍ଘନ କରି ଖନନ, ଉତ୍ତୋଳନ ଓ ପରିବହନ କାର୍ଯ୍ୟ କରାଯାଏ ଏବଂ କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ଓ ଥଇଥାନ ସୁବିଧା ନିୟମାନୁସାରେ ମିଳେ ନାହିଁ । ମାଫିଆଙ୍କ ଉତ୍ପାତ ଯୋଗୁଁ ସ୍ଥାନୀୟ ଲୋକଙ୍କ ପ୍ରତିବାଦର ସ୍ୱର ଚାପି ହୋଇଯାଏ । ସେ ଦୃଷ୍ଟିରୁ ବିଚାର କଲେ ପରିବେଶବିତ୍‌ଙ୍କ ଉଦ୍‌ବେଗ ଯଥାର୍ଥ । ତେଣୁ ଓଡ଼ିଶା ସମେତ ଦେଶର ଯେଉଁ ସବୁ ରାଜ୍ୟରେ କୋଇଲା ଖଣିର ଘରୋଇକରଣ ପାଇଁ ନିଷ୍ପତ୍ତି ନିଆଯାଇଛି ସେଠାରେ ପରିବେଶ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବାର ଆବଶ୍ୟକତା ରହିଛି ।

ଓଡ଼ିଶାର ଅନୁଭୂତି କହୁଛି ଯେ ଖଣିଖନନ, ଉତ୍ତୋଳନ, ଜମି ଅଧିଗ୍ରହଣ ଏବଂ ଖଣିଜ ପରିବହନ ସମୟରେ ପରିବେଶ ଆଇନକୁ କର୍ତ୍ତୃପକ୍ଷ ଠିକ୍‌ଭାବେ ପାଳନ କରୁନାହାନ୍ତି । ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନୟନ ଏବଂ ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ଯେଉଁ ଗୁରୁତ୍ୱପ୍ରଦାନ କରାଯିବା କଥା ତାହା ହେଉନାହିଁ । ତେଣୁ ସରକାର ଯେତେବେଳେ ଏ କ୍ଷେତ୍ରରେ ଏକ ସାହସିକ ଏବଂ ଦୂରଦର୍ଶୀ ପଦକ୍ଷେପ ନେଇଛନ୍ତି, ସେତେବେଳେ ପରିବେଶଗତ ଏବଂ ଏ ସଂକ୍ରାନ୍ତ ଆଇନର ଉଚିତ ପରିଚାଳନକୁ ନିଶ୍ଚିତ କରନ୍ତୁ ।




## ଏ ତାଲା ବନ୍ଦ

ସୁଧାକର ରାଉତ

ଆମେ କୁନା କୁନି ଭାଇ ଓ ଭଉଣୀ
ଏ ଘୋର ସଙ୍କଟ ବେଳେ
ତାଲାବନ୍ଦର ସଦୁପଯୋଗ କରିବା
ଅମାନ୍ୟ ନକରି ତିଳେ ।

ସୁବର୍ଣ୍ଣ ମୁହୂର୍ତ୍ତ ଆସି ଉପଗତ
ହୋଇଅଛି ନିଶ୍ଚେ ଏଇ
ନିଜର ପ୍ରତିଭାର ଉଜ୍ଜ୍ୱଳ ଆଭା
ବିକଶିତ ହେବା ପାଇଁ ।

ଅଧ୍ୟୟନେ ରତ ହୋଇବା ନିରତ
ଦେଇ ତହିଁ ମନ ଧ୍ୟାନ
ପିତା ମାତାଙ୍କର ନେବା ସହାୟତା
ମିଳୁ ବା ଯେଉଁ ସାଧନ ।

ଗୁରୁଜନ ଆଜ୍ଞା ପାଳନ କରିବା
କରିବା ତାଙ୍କର ସେବା
ଏବେଳେ ତାଙ୍କ ମୁଖେ ହସ ଫୁଟାଇ
ତାଙ୍କ ଆଶିଷ ଲଭିବା ।

ବାହାରେ ନ ବୁଲି ଖେଳା ଖେଳି ଭୁଲି
ହୋଇବା ସଙ୍ଗ ରହିତ
କୁନି କୁନି କରୋନା ଯୋଦ୍ଧା ସଜିବା
କରିବା ତାକୁ ପରାସ୍ତ ।

ଏ ସଂଘର୍ଷ ଆମ ଭବିଷ୍ୟତ ପାଇଁ
ଏହାକୁ ରଖିବା ଜାରି
ଅସମ୍ଭବ ଏଇ ଶବ୍ଦଟିକୁ ଆମେ
ମନରୁ ଦେବା ପାଶୋରି ।

ଅପର୍ଯ୍ୟାପ୍ତ ସମ୍ଭାବନା ସଙ୍ଗତରେ
ଆଣିଛି ଏ ତାଲାବନ୍ଦ
ପ୍ରକୃତିକୁ ଆପଣାର କଲେ ସିନା
ହସିବ ଯେ ମନ୍ଦ ମନ୍ଦ ।


+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨


# ଚିନ୍ ତିଆରି ବସ୍ତୁ ଓ ଆମେ


ଡାକ୍ତର ସୁରେନ୍ଦ୍ର ନାଥ ଦାଶ




ଅଦିନିଆ ବର୍ଷା ଓ ଘଡଘଡି ପରି ସବୁଆଡୁ ଗର୍ଜନ ଶୁଭେ, "ଚିନ ତିଆରି ବସ୍ତୁକୁ ବର୍ଜନ କରାଯାଉ।" ଦଳ ଦଳ ଲୋକ ଚିନ ତିଆରି ବସ୍ତୁ କୁ ରାସ୍ତାରେ ଜାଳନ୍ତି, ଘରର ଟିଭିକୁ ରାସ୍ତାରେ ଫିଙ୍ଗନ୍ତି । ଭାଷଣ ମାନ ଦିଆଯାଏ, ଗଣ ମାଧ୍ୟମରେ ଫଟୋ ବାହାରେ । ତା ପରେ ସମସ୍ତେ ସବୁ ଭୁଲି ଯାଆନ୍ତି । ପୁଣି ବଜାରରେ ଚିନ ତିଆରି ବସ୍ତୁ ତାର ପ୍ରଭାବ ବିସ୍ତାର କରି ଚାଲେ । ୧୯୬୨ ମସିହାରୁ ଚିନ ଆମର ଶତ୍ରୁ ରାଷ୍ଟ୍ର ବୋଲି ପରିଗଣିତ ହୋଇଛି । ତଥାପି ଦିନକୁ ଦିନ ଚିନ ତିଆରି ବସ୍ତୁର ଆଦର ଆମ ଦେଶରେ ବଢି ଚାଲିଛି ! ଚିନା ବସ୍ତୁକୁ ନିଷେଧ କଲା ବେଳକୁ ଆମକୁ ଭାବି ବାକୁ ପଡିବ, କାହିଁକି ଲୋକମାନେ ଦେଶି ଜିନିଷ ଛାଡି ଚିନା ବା ଅନ୍ୟ ବିଦେଶୀ ଦେଶର ବସ୍ତୁ କୁ ଆପଣାଉଛନ୍ତି ?

ଜଗତୀ କରଣ ହେଲା ପରେ ଆମେ ବିଶ୍ୱ ଅର୍ଥ ନୈତିକ ପରିବାରର ସଦସ୍ୟ ହୋଇଯାଇଛୁ । କୌଣସି ଦେଶର ବସ୍ତୁ କୁ ଆମେ ଆଇନ ଅନୁଯାୟୀ ନିଷେଧ କରିପାରିବା ନାହିଁ। ଲୋକ ମାନେ ସ୍ୱେଚ୍ଛାରେ ହୁଏତ ବର୍ଜନ କଲେ କରିପାରିବେ । ଏଥିପାଇଁ ବର୍ଜିତ ବସ୍ତୁର ଉପଯୁକ୍ତ ପରିପୂରକ Alternative ଲୋକ ମାନଙ୍କୁ ଯୋଗାଇ ଦେବାକୁ ସରକାର ସକ୍ଷମ ହେବା ଉଚିତ । ବର୍ତ୍ତମାନ ବଜାର ଅବସ୍ଥା ଦେଖିଲେ, ଆମର ଶିଳ୍ପ ପ୍ରସାର ଯେ ଏକ ଧୂଆଁ ବାଣ ତାହା ସ୍ପଷ୍ଟ ପ୍ରତିୟମାନ ହୁଏ । ଆମ ଘରେ ବ୍ୟବହୃତ କାର, ଫ୍ରିଜ, ଟିଭି, ଏ.ସି, କମ୍ପୁଟର ଏ ପରିକି ଘରେ ଘରେ ଥିବା ମଟର ସାଇକେଲ ମଧ୍ୟ ବିଦେଶୀ କମ୍ପାନୀ ମାନଙ୍କ ଦ୍ୱାରା ନିର୍ମିତ । ଜାପାନର ସୁଜୁକି, ଟୋୟାଟା, ହଣ୍ଡା, ନିପନ, ଛୋଟ ଦେଶ ଦକ୍ଷିଣ କୋରିଆର ହୁଣ୍ଡାଇ, ପୋସ୍କୋ, ସାଂଟ୍ରୋ, ସାମସଙ୍ଗ, ହଲାଣ୍ଡର ଶିଶୁ ଖାଦ୍ୟ କମ୍ପାନୀ ନେସଲ, ଇଂଲଣ୍ଡର ୟୁନି ଲିଭର, ଗ୍ଲାସକୋ, ଫିନଲାଣ୍ଡର ନୋକିଆ କମ୍ପାନୀ, ଆମେରିକାର ଫୋର୍ଡ, ଆପଲ, ଆଇବିଏମ, ଆମାଜନ,ମାଇକ୍ରୋସଫ୍ଟ, କୋକାକୋଲା ଆମ ଦେଶରେ କାୟା ବିସ୍ତାର କରିଛନ୍ତି । ଆମ ଦେଶରେ ଗଣେଶ ପୂଜା ପାଇଁ ମୂର୍ତ୍ତୀ, ଦୀପାବଳୀ ପାଇଁ ବାଣ, ହୋଲି ପାଇଁ ରଙ୍ଗ ଚିନରୁ ଆସୁଛି । ଦେଶର କୋଟି କୋଟି ଲୋକ ଆଜି ଦେହରେ ବସ୍ତ୍ର ଓ ପାଦରେ ଯୋତା ପିନ୍ଧୁ ଛନ୍ତି କେବଳ ଶସ୍ତାରେ ବିଦେଶରୁ ଆସି ସେଗୁଡିକ ବଜାରରେ ଉପଲବ୍ଧୀ ହେବାରୁ । ଆମ ଦେଶରେ ପ୍ରସ୍ତୁତ କରି ସେମାନେ କେତେ ଯେ ଠକୁଥିଲେ, ତାହା ଆଜି ଜାଣି ହେଉଛି । ସେମାନଙ୍କର ଶୋଷଣ ଯୋଗୁ ବର୍ଷ ବର୍ଷ ଧରି ଦେଶରେ ଅନେକ ଅପର୍ତ୍ତୀ ଓ ଗୁରେଇ ଅଧା ଲଙ୍ଗଳା ରହୁଥିଲେ ।

ଆମେ ବିଦେଶୀ ବସ୍ତୁକୁ ପ୍ରତିହତ କରିବାରେ କିପରି ଅକ୍ଷମ, ୧୯୭୭ ମସିହାରେ ଜନତା ସରକାରଙ୍କ ଦ୍ୱାରା କୋକାକୋଲା ଓ ଆଇ .ବି.ଏମ. କମ୍ପାନୀ ଉପରେ ଜାରି ହୋଇଥିବା ବହିଷ୍କାର ଆଦେଶରୁ ଜଣାପଡେ । ସେତେବେଳେ ଜର୍ଜ ମାଥିୟୁ ଫର୍ଣ୍ଣାଡିସ ଦେଶର ଶିଳ୍ପ ମନ୍ତ୍ରୀ ଥାଆନ୍ତି । ସେ ତିବ୍ର ପୁଞ୍ଜିବାଦର ବିରୋଧି ବ୍ୟକ୍ତି ଥିଲେ । ସେତେବେଳେ ଆମେରିକାର ଆଟଲାଂଟାସ୍ଥିତ କୋକାକୋଲା କମ୍ପାନୀ ମୃଦୁ ପାନୀୟ କ୍ଷେତ୍ରରେଏକଚାଟିଆ ବ୍ୟବସାୟ ଭାରତରେ କରୁଥାଏ । ଆମ ସରକାର ତାକୁ ତାର ମୁଳଧନର ଷାଠିଏ ପ୍ରତିଶତ ଭାରତୀୟ ସେୟାର ଧାରୀଙ୍କୁ ଦେବାକୁ ଆଦେଶ ଦେଲେ, ତାହା ସହ ନିଜର ମୂଳ ଫର୍ମୁଲା ମଧ୍ୟ ଜଣାଇବାକୁ କହିଲେ । ଏଥିରେ ଅମତ ହେବାରୁ ସାରା ଦେଶରେ ତାର ପ୍ରସ୍ତୁତି ଓ ବିକ୍ରୟ ଉପରେ ନିଷେଧାଦେଶ ଜାରି ହେଲା । କୋକା କୋଲା ଦେଶ ଛାଡି ଚାଲିଗଲା । ଭାରତ ସରକାର ଏକ ରାଷ୍ଟ୍ରୀୟ କମ୍ପାନୀ କରି ଡବଲ ସେଭେନ (୭୭) ପାନୀୟ ପ୍ରସ୍ତୁତ କରି ଚଳାଇଲେ । ରମେଶ ଚୌହାନ ନାମକ ଜଣେ ଶିଳ୍ପପତି ପାର୍ଲେ କମ୍ପାନୀ ଆନୁକୁଲ୍ୟରେ ଥମ୍ସ ଅପ (Thumbs up), ଫାଂଟା ଗୋଲଡ ସ୍ପଟ, ଲିମକା ଭଳି ଲୋକପ୍ରିୟ ପାନୀୟ ନିର୍ମାଣ କରିଥିଲେ । ସେଥିରୁ ଥମ୍ସଅପରେ ଡାଲଚିନ, ଲବଙ୍ଗ ଭଳି ମସଲା ଦେଇ ଅନେକ ପରିକ୍ଷା ପରେ ବଜାରକୁ ଛାଡିଥିଲେ । ତାହା ଥଣ୍ଡା ନହେଲେ ମଧ୍ୟ ପିଇ ହେଉଥିଲା । ତଥାପି ବଜାରର ଆବଶ୍ୟକତା ପୁରଣ ନହେବାରୁ, ଗାଁ ଗାଁ ରେ ନକଲି ପାନୀୟ ମାନ ବାହାରିଲା । ବୋତଲରେ ରସନା ପାଉଡର ପକାଇ ଟ୍ୟାପ ପାଣି ଭର୍ତ୍ତି କରି ବଜାରରେ ବିକିଲେ । ପରିଚାଳନା ଠିକ ନହେବାରୁ ଡବଲ ସେଭେନ କମ୍ପାନୀରେ ତାଲା ଝୁଲିଲା । ଶେଷରେ ୧୯୯୩ ମସିହାରେ କୋକା କୋଲା ପୁଣି ଭାରତ ବଜାରରେ ପ୍ରବେଶ ଅଧିକାର ପାଇଲା । ଲୋକପ୍ରିୟ ଥମ୍ସଅପ୍ କୁ କିଣି ଥମସ୍ଅପ ନାଁରେ ବଜାରକୁ ଛାଡିଲା । ତାହା ଆଉ ଦେଶୀୟ କମ୍ପାନି ନହୋଇ ବିଦେଶୀ ଅକ୍ତିଆରକୁ ଚାଲିଗଲା । ରାତାରାତି ଦେଶ ଯାକ ଦୋକାନରେ ଚିକ ଚିକ ଫ୍ରିଜ ଭିତରେ କୋଲା ବୋତଲ ଶୋଭା ପାଇଲା । ତା ପରେ ପରେ ଆଉ ଏକ ଆମେରିକାନ କମ୍ପାନୀ ପେପ୍‌ସି କୋଲା ପହଂଚିଗଲା । ଭାରତ ମାଟିରେ ଦୁଇ ଆମେରିକାନ କମ୍ପାନୀ ଙ୍କର ବ୍ୟବସାୟିକ ଯୁଦ୍ଧର ଦର୍ଶକ ଆମେ ହୋଇପଡିଲୁ ।

ଚିନ ବର୍ତ୍ତମାନ ସାରା ପୃଥିବୀ ରେ ନିଜର ବାଣିଜ୍ୟ ଆଧିପତ୍ୟ ବିସ୍ତାର କରିସାରିଲାଣି । ଆମେ ଚିନ ଠାରୁ ୬୮ବିଲିଅନ ଡଲାର(ଚିନ ରପ୍ତାନୀର ଶତକଡା୩ ଭାଗ)ର ଆମଦାନୀ କଲାବେଳେ ମାତ୍ର ୧୬ ବିଲିଅନ(ଆମ ରପ୍ତାନୀର ଶତକଡା ୮ଭାଗ)ର ରପ୍ତାନୀ କରୁଛୁ । ସ୍ମାର୍ଟ ଫୋନ ବ୍ୟବସାୟରେ ଚିନର ୭୫ ଶତକଡା ଆଧିପତ୍ୟ ଆମଦେଶରେ । ତା ସତ୍ୱେ ଏହା ଚିନର ବିଶ୍ୱରେ ନିବେଶର ମାତ୍ର ଏକ ଭାଗ ଅଟେ । ଟେଲି-କମ୍ୟୁନିକେସନରେ ୫ଜି (୫ଏ)ର ପ୍ରଚଳନ ପାଇଁ ଚିନକୁ ଆମେ ପ୍ରସ୍ତାବ ଦେଇ ସାରିଛୁ । ଆମର ଔଷଧ ଶିଳ୍ପ ମଧ୍ୟ ଚିନର କଂଚାମାଲ ଉପରେ ସଂପୂର୍ଣ୍ଣ ନିର୍ଭରଶିଳ । ଅଟୋମୋବାଇଲ ଶିଳ୍ପର ମଧ୍ୟ ସେହି ଅବସ୍ଥା । ଏସବୁ ଆଇନାନୁମୋଦିତ ବାଣିଜ୍ୟ ଛଡା ଭାରତ ବଜାରରେ ଚୋରାରେ ଅଜସ୍ର ଚିନା ବସ୍ତୁ ଆସି ଆମ ଦେଶରେ ବିକ୍ରି ହେଉଛି । ଆମଦେଶର ଖେଳନା ବଜାରର ୮୦ଶତକଡା ଚିନ ମାଡି ବସିଲାଣି । ଶତକଡା ୪୦ ଖେଳନା କାରଖାନା ଆମର ବନ୍ଦ ହୋଇଗଲାଣି । ଯେଉଁ ଚିନ କମ୍ପାନୀ ଗୁଡିକ ଆମଦେଶରେ ବଜାର ଅଧିକାର କରିଛନ୍ତି, ସେଗୁଡିକ ହେଲେ, ଲେକୋ, ଲେନଭୋ, ମେଜୁ, ଟେକନୋ, ହନର, ଭିଭୋ, ହ୍ୱାଆଇ, ଓପୋ, ୱାନପ୍ଲସ, ମୋଟରଲା । ଚିନର ତିଆରି ବସ୍ତୁ ସାରା ବିଶ୍ୱରେ ବିଶ୍ୱାସ ଅର୍ଜନ କରୁଥିଲା ବେଳେ ଆମ ନିଜ ଦେଶରେ ଆମ ତିଆରି ବସ୍ତୁ କାହିଁକି ଆଦୃତ ହେଉନି ? ଏ ପ୍ରଶ୍ନର ଉତର ଦେବ କିଏ ? ଶିଳ୍ପ କରି ବିଜୟ ମାଲିଆ, ହର୍ଷଦ ମେହେଟା, ନିରଦ ମୋଦି ଭଳି ଦାଗି ଶିଳ୍ପପତି ମାନେ ଲୋକଙ୍କର ଟଙ୍କା ଆତ୍ମସାତ କରିବା ହିଁ ଧର୍ମ ବୋଲି ଗ୍ରହଣ କରିଛନ୍ତି । କମ୍ପାନୀ କରି ନିଜ ଅଣ୍ଡା, ବଚା, ଭାଇ ମାନଙ୍କୁ ଉଚ୍ଚ ବେତନ ହାରରେ ପେ ରୋଲରେ ରଖିବେ, କମ୍ପାନୀ ଖର୍ଚ୍ଚରେ ବିଦେଶ ବୁଲିବେ, ଷ୍ଟାର ହୋଟେଲରେ ରହିବେ, ରାଜନିତୀ ଦଲାଲଙ୍କୁ କୋଟିକୋଟି ଟଙ୍କା ଚାନ୍ଦା ଦେବେ, ବ୍ୟାଙ୍କ ଋଣ ନେଇ ଫାଙ୍କିବେ, ବିଚରା ସେୟାର ହୋଲଡରକୁ ବର୍ଷରେ ଥରେ ଚା କପେ ଦେଇ ସବୁ ପାସ ହେଲା ବୋଲି କହିବେ । ସରକାରୀ ଶିଳ୍ପରେ ମଧ୍ୟ ସେହି ଅବସ୍ଥା, ଯେତେ ବୁଡାଅ ପରବା ନାହିଁ । ସରକାର ଶେଷରେ ଭରଣା କରିବେ, ସରକାରକା ମାଲ । ଚିନ୍‌ର ବସ୍ତୁ ବର୍ଜନ ଅପେକ୍ଷା ଚିନ କାହିଁକି ସଫଳ ହେଉଛି, ଆମେ କାହିଁକି ପାରୁନୁ ସେ ବିଷୟରେ ତର୍ଜମା କରି ଆମ ଶିଳ୍ପକୁ ଯୁଗୋପଯୋଗି କରିବା ଅଧିକ ଆବଶ୍ୟକ ତଥା ସମୟ ର ଆହ୍ୱାନ ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬


# ମାନବିକତାର୍ ପ୍ରତୀକ ଡା. ସନାତନ ରଥ


ଦୀନବନ୍ଧୁ ନାୟକ


**ଭାରତ ବିଖ୍ୟାତ ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସନାତନ ରଥ । କର୍ତବ୍ୟଭାରରେ ଚାପିହୋଇ ଶତଇଚ୍ଛା ଥାଇବି ଓଡିଶାର ସୁଦୂର କୋଣର କେଉଁ ଏକ ସାଧାରଣ କିଶୋରୀଟିକୁ ଦେଖି ନପାରି, ତା' ପାଇଁ ଏତେ ଦରଦ! ଏତେ ଶୋଚନା!! ଏତେ ଆତ୍ମଗ୍ଲାନୀ!!! ଅସଲ ଦୁଃଖ ହେଉଛି -'ମେଡିକାଲକୁ ତ ପ୍ରତିଦିନ ହଜାର ହଜାର ରୋଗୀ ଆସୁଛନ୍ତି, କିଏ ଭଲ ହୋଇ ଫେରୁଛି, କିଏ ବା ଶେଷ ନିଃଶ୍ୱାସ ତ୍ୟାଗ କରୁଛି ।**

ଭାରତର ପ୍ରସିଦ୍ଧ ସ୍ନାୟୁ ରୋଗ ବିଶେଷଜ୍ଞ ଡା. ସନାତନ ରଥ ଆଉ ନାହାଁନ୍ତି । ଏ ମହାଶୟଙ୍କୁଜୀବନରେ ଥରେମାତ୍ର ଦର୍ଶନ କରିଛି । କିନ୍ତୁ ସେ ସାକ୍ଷାତ ଆଜି ପର୍ଯ୍ୟନ୍ତ ଜୀବନ୍ତ ରହିଛି ।

୧୯୭୪ ମସିହାକଥା । ସେତେବେଳେ ମୁଁ ବାଲେଶ୍ୱର ଜିଲ୍ଲା ଭଣ୍ଡାରି ପୋଖରୀ ପି.ଏଚ୍.ସି.ରେ ବ୍ଲକ୍ ଏକ୍ସଟେନ୍‌ସନ୍ ଏଜୁକେଟର୍ (ପରିବାର ନିୟନ୍ତ୍ରଣ) ରୂପେ ପୋଷ୍ଟିଂ ହୋଇଥାଏ । ପୋଷ୍ଟିଂର ଅଳ୍ପ ଦିନ ପରେ ମାସ୍‌ଏଜୁକେଶନ୍ ଟ୍ରେନିଂ ନିମନ୍ତେ ଅର୍ଡର ଆସିଲା । କଟକ ଏସ୍.ସି.ବି. ମେଡିକାଲ କଲେଜ୍ କମ୍ପାଉଣ୍ଡରେ ଥିବା ପରିବାରକଲ୍ୟାଣ ଟ୍ରେନିଂ ସେଂଟରରେ ଜଏନ୍ କରି ସେଂଟରର ହଷ୍ଟେଲରେ ରହୁଥାଏ । ସେତିକି ବେଳେ ମୋ ସାନଭାଇ ଦୈତାରିର ଶାଶୁ, କୋପଣ୍ଡର 'ରାଉତ ବୋଉ'ଙ୍କର ଅପରେସନ୍ ହୋଇଥାଏ । ଡା. ରଥ ଅପରେସନ୍ କରିଥିଲେ । ହଷ୍ଟେଲ ଓ ୱାର୍ଡ ପାଖାପାଖି ଥିବାରୁ ଦିନରେ ଥରେ/ ଦୁଇଥର ତାଙ୍କୁ ସାକ୍ଷାତ କରି ଭଲ ମନ୍ଦ ବୁଝୁଥାଏ । ଥରେ ରାତି ପ୍ରାୟ ୯ଟା ବେଳେ ଶାଶୁଙ୍କର କୌଣସି ଅସୁବିଧା ହେବାରୁ ମୁଁଡଂ. ରଥଙ୍କ କଲେଜ ପରିସରରେ ଥିବା ତାଙ୍କ କ୍ୱାର୍ଟରକୁ ଗଲି ।

ସେତେବେଳେ ପୁରୁଣା ବଡ ଆଜ୍‌ବେଷ୍ଟସ୍ ଛାଉଣୀ କ୍ୱାର୍ଟରରେ ପ୍ରଫେସରମାନେ ରହୁଥିଲେ । ନାମଫଳକ ଦେଖିଗେଟ୍ ଖୋଲି ଭିତରକୁ ଗଲି । ବିରାଟ ବାରଣ୍ଡାଟି ସରୁ କାଠପଟାରେ ଜାଳିକରି ଆବଦ୍ଧ କରାଯାଇଛି । ବାରଣ୍ଡାର ଲାଇଟ୍ ଲିଭାଇ ଦିଆଯାଇଛି । ଜଣେ ବୟସ୍କ ବ୍ୟକ୍ତି ଗଞ୍ଜି ପିନ୍ଧି ବାରଣ୍ଡାରେ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଖୁବ୍ ଚିନ୍ତିତ ହୋଇ ପଦଚାରଣ କରୁଛନ୍ତି । ବାରଣ୍ଡାକୁ ଯିବା ପାଇଁ କାଠଜାଲି ଦ୍ୱାର ନିକଟରେ ପହଂଚିଲି । ସେତେବେଳେ ବାରଣ୍ଡାର ଗୋଟିଏ ମୁଣ୍ଡରୁ ଫେରୁଥିବା ଅବସ୍ଥାରେ ମୋତେ ଦେଖି 'କିଏ' ବୋଲି ପଚାରିଲେ । ମୁଁ ରୋଗୀର ୱାର୍ଡ ଓ ବେଡ୍ ନମ୍ବର କହି ତାଙ୍କରି ଆଟେଣ୍ଡାଂଟ୍ ବୋଲି ପରିଚୟ ଦେଲି । ସେ ଦ୍ୱାର ଖୋଲିଲେ ଓ ବାରଣ୍ଡା ଲାଇଟ୍ ଜଳାଇ ଦେଲେ । ଭିତରକୁ ଯାଇ ରୋଗୀର ଅସୁବିଧା ସବୁ କହିଲି । ମୋତେ ଯାହା ଉପଦେଶ ଦେବା କଥା, ଦେଇ ସାରିବା ପରେ ମୁଁ ଫେରି ଆସିବା କଥା; କିନ୍ତୁ ମୁଁ ଚୂପ୍‌କରି ଠିଆହୋଇ ରହିଲି । ସେ କହିଲେ -'ଆଉ କଅଣ? 'ମୁଁ କହିଲି-'ସାର! ଆପଣ ଯଦି କିଛି ନ ଭାବିବେ, ତେବେ ଗୋଟିଏ କଥା ପଚାରିବି ।' 'ହଉ, କୁହ ।' ମୁଁ ପଚାରିଲି 'ବାହାର ଗେଟ୍‌ଖୋଲି ଆସିବା ବେଳେ ଦେଖିଲି, ଆପଣ ବାରଣ୍ଡାର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଚନ୍ତାମଗ୍ନ ହୋଇ ପଦଚାରଣା କରୁଛନ୍ତି । କାହିଁକି.....'

ସାର୍ ଗମ୍ଭୀର ହୋଇଗଲେ, ସ୍ୱର ଦରଦୀ ହୋଇଉଠିଲା । ତାଙ୍କ କଥାରୁ ବେଦନା ଯେପରି ଟପ୍‌ଟପ୍ ହୋଇ ଝରି ପଡୁଥିଲା । ଜଣେ ଅଜଣା ଯୁବକ ଆଗରେ ଝରି ପଡିବା ଠିକ୍ ହେବନାହିଁ ବୋଲି, ସତେ ଯେପରି, ଲୁହ ଟୋପା ଗୁଡିକ ନିଜକୁ ସଂଯତ କରି ନେଇଥିଲେ । ସେ ଆରମ୍ଭ କଲେ-'କ'ଣ କହିବି ବାବୁ!... କାହିଁକେତେ ଦୂର କୋରାପୁଟ ଜିଲ୍ଲାର କେଉଁ କୋଣରୁ ୧୬/୧୭ ବର୍ଷର ଝିଅଟିକୁ ନେଇ ତା'ର ବାପା ମା' କେବଳ ମୋ'ରି ପାଖରେ ଚିକିତ୍ସିତ ହେବା ପାଇଁ କେତେ ଆଶା ଭରସା କରି ଆସିଥିଲେ । ଆଡ୍‌ମିଶନ୍ ବି ହୋଇଗଲା । ତାକୁ ଦେଖିବା ପାଇଁ ଗତ ଦୁଇଦିନ ଓ ଆଜି ମର୍ଣ୍ଣିଂ ଆୱାରରେ ବହୁତ ଚେଷ୍ଟା କରିଛି । ସବୁବେଳେ ତା' କଥା ମନେ ଅଛି । କିନ୍ତୁ ଏତେ ଗୁଡିଏ ସିରିଅସ୍ ଅପରେଶନ୍‌ର ଭିଡ ଯେ ଏହା ଭିତରେ ତାକୁ ମୁଁ ଦେଖିପାରିଲି ନାହିଁ। ସମୟ ପାଇବା ମାତ୍ରେ ଯାଇ ଦେଖିଲି ଯେ ସେ ଆଉ ନାହିଁ ....।' ସାର୍ ଆଗକୁ ଆଉ କହିପାରିଲେନି, ଗଳାରୁଦ୍ଧ ହୋଇଗଲା । ମୁଁ ଅବାକ୍ ବିସ୍ମୟରେ ସାର୍‌ଙ୍କୁ ଚାହିଁ ରହିଲି । ସେ ନାଟକୀୟ ଢଙ୍ଗରେ ଚଟ୍‌କରି ରୁମ୍‌ଭିତରକୁ ପଶିଗଲେ ।

ଭାରତ ବିଖ୍ୟାତ ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସନାତନ ରଥ । କର୍ତବ୍ୟଭାରରେ ଚାପିହୋଇ ଶତଇଚ୍ଛା ଥାଇବି ଓଡିଶାର ସୁଦୂର କୋଣର କେଉଁ ଏକ ସାଧାରଣ କିଶୋରୀଟିକୁ ଦେଖି ନପାରି, ତା' ପାଇଁ ଏତେ ଦରଦ! ଏତେ ଶୋଚନା!! ଏତେ ଆତ୍ମଗ୍ଲାନୀ!!! ଅସଲ ଦୁଃଖ ହେଉଛି -'ମେଡିକାଲକୁ ତ ପ୍ରତିଦିନ ହଜାର ହଜାର ରୋଗୀ ଆସୁଛନ୍ତି, କିଏ ଭଲ ହୋଇ ଫେରୁଛି, କିଏ ବା ଶେଷ ନିଃଶ୍ୱାସ ତ୍ୟାଗ କରୁଛି। ଏ ଦୃଶ୍ୟ ତ ଡାକ୍ତର ମାନଙ୍କର ଦୈନନ୍ଦିନ ଦେହସୁହା ଘଟଣା! କିନ୍ତୁ ଝିଅଟି ମୋ' ପାଖରେ ଚିକିତ୍ସିତ ହେବାକୁ ଏତେ ଦୂରରୁ ଆସି ତିନିଦିନ ମୋତେ ଅପେକ୍ଷା କଲା; ତା' ଜୀବନ୍ତ ଅବସ୍ଥାରେ ମୋତେ ଦେଖିପାରିଲାନି।'

ହେ ଉଦାର ହୃଦୟ । ହେ ବିଶାଳ ସମ୍ବେଦନଶୀଳ ପ୍ରକୃତ ମାନବିକତାର ଅଧିକାରୀ ମାନନୀୟ, ପୂଜନୀୟ ପ୍ରକୃତ ଚିକିତ୍ସକ! ସେଇ ପ୍ରଥମ ଓ ଶେଷ ଦର୍ଶନର ଛବି ପାଖାପାଖି ଅର୍ଦ୍ଧ ଶତାବ୍ଦି ପରେ ବି ମୋ ମନରେ ସତେଜ, ଜ୍ୱଳନ୍ତ ରହିଛି । ହେବି ଦେହୀ ଆତ୍ମା! ମୋର କୋଟିକୋଟି ପ୍ରଣାମ ସ୍ୱୀକାର ହେଉ ।


+ ସା : ତରାପୁର, ପୋ.ଅ.: ଲକ୍ଷ୍ମୀନଗର
ଜିଲ୍ଲା - ଯାଜପୁର ।
ମୋ : ୯୯୩୭୫୯୩୪୯୩

# ବନାରସୀ ଶାଢ଼ୀ ଓ ଏହାର ଡିଜାଇନ୍



ଆଜିର ଫ୍ୟାସନ ଦୁନିଆରେ ବନାରସୀ ଶାଢ଼ି ଭାରତୀୟ ସଭ୍ୟତାର ପରିଚୟ ଦେଉଛି। ବନାରସୀ ଶାଢ଼ିକୁ ତାରରେ ତିଆରି ସୂତା ସହିତ ବୁଣାଯାଉଥିବା ଡିଜାଇନରୁ ଚିହ୍ନି ହେବ। ଏହି ଡିଜାଇନ୍ ବେଲ୍-ବୁଟିରୁ ଆରମ୍ଭ ହୋଇଥିଲା। ଏହାପରେ ପଶୁ, ପକ୍ଷୀଙ୍କର ଡିଜାଇନ୍ ମଧ୍ୟ ଏହାର ଅଂଶ ହୋଇଗଲା। ରେଶମ ତାର ସହିତ ସୁନା, ରୂପାର ତାରକୁ ମିଶାଇ ବନାରସୀ ଶାଢ଼ୀକୁ ନୂଆ ଡିଜାଇନ୍ ଦିଆଗଲା। ରେଶମ କପଡ଼ା ସହିତ ମୁସଲିମ୍ କାରିଗରମାନେ ଡାବି ଓ ଡେକାର୍ଡର ପ୍ରୟୋଗ କରିବା ଆରମ୍ଭ କରିଦେଲେ। ଏହି ପ୍ରକାର ବନାରସୀ ଶାଢ଼ିକୁ ତିଆରି କରିବା ଗୁଜରାଟୀ ରାଜସ୍ଥାନୀ ଓ ମାରୱାଡ଼ି ବୁଣାକାରମାନଙ୍କ ସହିତ ମୁସ୍‌ଲିମ୍ ବୁଣାକାରମାନେ ତାଙ୍କର ଦକ୍ଷତା ଦେଖେଇଲେ।

## ବନାରସୀ ଶାଢ଼ିର କିଛି ଡିଜାଇନ୍

**ବଟି:** ମୂଳ ରୂପରେ ଏହାକୁ ବନାରସୀ ଶାଢ଼ୀର ପରିଚୟ ବୋଲି କୁହାଯାଏ। ଛୋଟଛୋଟ ଆକୃତିରେ ତିଆରି ହୋଇଥିବା ବୁଟିରେ ଏହି ଶାଢ଼ି ପ୍ରସ୍ତୁତ ହୋଇଥାଏ। ଏହା ପାଂଚଟି ରଙ୍ଗରେ ତିଆରି ହୋଇଥିବାରୁ ଏହାକୁ ପଂଚରଙ୍ଗୀ ବୋଲି ମଧ୍ୟ କୁହାଯାଏ। ଏହିପରି ଭାବରେ ବିଭିନ୍ନ ପ୍ରକାର ଶାଢ଼ିକୁ ପ୍ରସ୍ତୁତ କରାଯାଇଥାଏ।

**ବୁଟା:** ବୁଟି ଡିଜାଇନର ଟିକେ ବଡ଼ ଆକାରକୁ ବୁଟା ବୋଲି କୁହାଯାଏ। ଫୁଲ ଓ ପତ୍ର ଡିଜାଇନ୍ ଥିବା ବୁଟା ଶାଢ଼ିର ପଣତରେ ଯେଉଁ ଆକୃତି ଦିଆଯାଏ ତାକୁ କୋନିଆ କୁହାଯାଏ।

**ବେଲ୍:** ଶାଢ଼ିର ସାଇଡରେ ଫୁଲ ଓ ଜ୍ୟାମିତୀୟ ଆକୃତିରେ ତିଆରି ଡିଜାଇନ୍‌କୁ ବେଲ୍ ଡିଜାଇନ୍ କୁହାଯାଏ। ଏହା ବ୍ୟତୀତ ପଂକ୍ତି ବୁଟି ବା ବୁଟାକୁ ମଧ୍ୟ ବେଲ୍ ଡିଜାଇନ୍ କୁହାଯାଏ।

**ଜାଲ୍:** ତାବେ ବାନେର ତିଆରି ଆଧାରଭୂତ ଡିଜାଇନକୁ ଜାଲ ଡିଜାଇନ୍ କହନ୍ତି। ଏହି ଜାଲ ଭିତରେ ବିଭିନ୍ନ ପ୍ରକାରର ଡିଜାଇନ୍ ପ୍ରସ୍ତୁତ କରାଯାଇଥାଏ।

**ଝାଲର୍:** ଶାଢ଼ିର ବର୍ଡରକୁ ସଜେଇବା ପାଇଁ ଯେଉଁ ଡିଜାଇନ୍ ପ୍ରସ୍ତୁତ କରାଯାଏ ତାକୁ ଝାଲର୍ ଡିଜାଇନ୍ କୁହାଯାଏ।

# ଗୋଡ଼ରେ ବଢ଼ାନ୍ତି ଖାଇବା ଥାଳି




ଖାଇବା ଥାଳିକୁ ମା' ଅନ୍ନପୂର୍ଣ୍ଣା ସହିତ ସମାନ କରାଯାଇଛି। ଘରର ବଡ଼ଲୋକ ହୁଅନ୍ତୁ ବା ଛୋଟପିଲା ଅବା ଅତିଥି, ସମସ୍ତଙ୍କୁ ସମ୍ମାନର ସହ ପରିଷ୍କାର ସ୍ଥାନରେ ସ୍ୱଚ୍ଛ ଥାଳିରେ ଖାଦ୍ୟ ପରଷିବା ଭାରତୀୟ ସଂସ୍କୃତିର ଏକ ପ୍ରମୁଖ ସଂସ୍କାର। ହେଲେ, ଦେଶରେ ଏପରି ଜନଜାତି ବି ବାସ କରୁଛନ୍ତି, ଯେଉଁମାନଙ୍କର ଖାଇବା ଥାଳିକୁ ନେଇ ଅଜବ ପରମ୍ପରା ରହିଛି। ଏହି ଜନଜାତିର ମହିଳା ପୁରୁଷମାନଙ୍କୁ ହାତରେ ନୁହେଁ, ଗୋଡ଼ରେ ଖାଇବା ଥାଳି ବଢ଼ାଇ ଦିଅନ୍ତି। ଉତ୍ତରପ୍ରଦେଶର ଶ୍ରାବସ୍ତୀ ଅଂଚଳ ପାଖାପାଖି ରହୁଥିବା ଥାରୁ ଜନଜାତିର ମହିଳାମାନେ ଏପରି ପରମ୍ପରା ପାଳନ କରିଆସୁଛନ୍ତି। ଏହା ଦେଖିବାକୁ ଯେପରି ବିଚିତ୍ର, ଏହା ପଛର କାରଣ ମଧ୍ୟ ସେହିପରି ଚମତ୍କାର। ଆଜିର ସମାଜ ପୁରୁଷ ପ୍ରଧାନ ହୋଇଥିବାବେଳେ ଥାରୁ ସମାଜରେ ମହିଳାମାନେ ସେମାନଙ୍କ ପରିବାରର ମୁଖିଆ। ପ୍ରୟାଗରାଜସ୍ଥିତ ସାମ୍ ହିଗିନ୍‌ବଟମ୍ କୃଷି, ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟ ଅନୁସାରେ ୧୫୭୬ ମସିହାରେ ହଳଦିଘାଟ ଯୁଦ୍ଧ ବେଳେ ମହାରଣା ପ୍ରତାପଙ୍କ ସେନାପତି ଏବଂ ସେନାଧିକାରୀମାନେ ନିଜ ପରିବାରର ମହିଳାମାନଙ୍କୁ ସୁରକ୍ଷା ଲାଗି ସେବକମାନଙ୍କ ସହ ହିମାଳୟ ପାଦଦେଶକୁ ପଠାଇଦେଲେ। ବୁଲିବୁଲି ସେମାନେ ନେପାଳ ସୀମାକୁ ଲାଗିଥିବା ଉତ୍ତର ପ୍ରଦେଶର ତରାଇ ଅଂଚଳରେ ପହଂଚିଗଲେ ଏବଂ ସେଠାକାର ଜିଲ୍ଲାଗୁଡ଼ିକରେ ବାସ କରିବାକୁ ଲାଗିଲେ। ରାଜସ୍ଥାନ ଥାର୍ ଅଂଚଳରୁ ଆସିଥିବାରୁ ଏହି ଲୋକମାନଙ୍କୁ ଥାରୁ ବୋଲି କୁହାଗଲା। ବାହାର ଜାଗାରେ ସୁରକ୍ଷା ପାଇଁ ଏହି ମହିଳାମାନେ ନିଜ ସହ ଆସିଥିବା ସୈନିକ ଏବଂ ସେବକମାନଙ୍କୁ ବିବାହ କରିଥିଲେ। ତେବେ ଏହି ବାହାଘର କେବଳ ଏକ ବୁଝାମଣା ଥିଲା। ମହିଳାମାନେ ନିଜର ଉଚ୍ଚ ବଂଶ ମର୍ଯ୍ୟାଦା ଭୁଲି ପାରୁନଥିଲେ। ସେବକମାନଙ୍କୁ ସ୍ୱାମୀ ଭାବେ ଗ୍ରହଣ କରିବାର ଅହଂକାର ସେମାନଙ୍କୁ ସବୁ ସମୟରେ ଆଘାତ ଦେଉଥିଲା। ତେଣୁ ଅହଂକାରକକୁ ସନ୍ତୁଷ୍ଟ କରିବା ଲାଗି ସେମାନେ ଯେତେବେଳେ ପୁରୁଷମାନଙ୍କୁ ଖାଦ୍ୟ ପରଷନ୍ତି, ଗୋଡ଼ରେ ଥାଳିକୁ ଠେଲି ଦେଇଥାନ୍ତି। ଧୀରେଧୀରେ ଏହା ଏକ ପରମ୍ପରାରେ ପରିଣତ ହୋଇଥିଲା। ଅବଶ୍ୟ ପରିବର୍ତ୍ତିତ ସାମାଜିକ ଚଳଣି ଏବଂ ଚିନ୍ତାଧାରା ମାଲିକ ଓ ସେବକର ପାର୍ଥକ୍ୟ ଶୂନ୍ୟ କରିଦେଇଥିଲେ ବି ପରମ୍ପରା ଲୁପ୍ତ ହୋଇନାହିଁ। ତେବେ ଥାରୁ ସମାଜ ଶିକ୍ଷାର ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ସାମିଲ ହୋଇଯିବା ପରେ ଏଭଳି କୁପ୍ରଥା ଲୋପ ପାଇଯିବ ବୋଲି ଆଶା କରାଯାଉଛି। ରାଜବଂଶୀ ହୋଇଥିବାରୁ ଏହି ସମାଜର ମହିଳାମାନେ ରାଣୀଙ୍କ ପରି ଅଳଙ୍କାର ଓ ବେଶଭୂଷାରେ ସୁସଜ୍ଜିତ ହୋଇଥାନ୍ତି ଏବଂ ପରିବାରର ମୁଖିଆ ମାନନ୍ତି।

# ୟୁଟିଆଇର୍ ସମସ୍ୟା ଗମ୍ଭୀର୍ ହୋଇପାରେ



ମହିଳାମାନଙ୍କ ମଧ୍ୟରେ ୟୁଟିଆଇ ଯାହାକୁ ମୂତ୍ର ମାର୍ଗ ସଂକ୍ରମଣ ମଧ୍ୟ କୁହାଯାଏ, ଏହାର ସବୁଠାରୁ ସାମାନ୍ୟ ଓ ପ୍ରଚଳିତ କାରଣ ହେଉଛି ୱେଷ୍ଟର୍ଣ୍ଣ ଟଏଲେଟ୍। ଏଥିରେ ସଂକ୍ରମଣର ସମ୍ଭାବନା ଅଧିକ ଥାଏ। ୧୫ରୁ ୪୦ ବର୍ଷ ବୟସର ମହିଳାମାନଙ୍କ ମଧ୍ୟରେ ଏହି ସମସ୍ୟା ଅଧିକ ଦେଖାଯାଇଥାଏ। ଆଧୁନିକ ଜୀବନଶୈଳୀ କାରଣରୁ ମହିଳାମାନଙ୍କ ମଧ୍ୟରେ ୟୁରିନାରୀ ଟ୍ୟାକ ଇନଫେକସନ (ୟୁଟିଆଇ) ଏକ ସାଧାରଣ ରୋଗ ଯାହାର କାରଣ ଅସ୍ୱଚ୍ଛ ଶୌଚାଳୟର ବ୍ୟବହାର। ଏହି ରୋଗ ବହୁତ ବିପଦଜନକ ନୁହେଁ କିନ୍ତୁ ଠିକ୍ ସମୟରେ ଏହାର ଚିକିତ୍ସା ନକରିଲେ ଏହା କିଡନୀକୁ ପ୍ରଭାବିତ କରିପାରେ। ସାବଧାନ ରହିଲେ କିଛି ମାତ୍ରାରେ ଏହି ରୋଗରୁ ରକ୍ଷା ମିଳିପାରିବ। ଡାକ୍ତରମାନଙ୍କ ମତରେ ପ୍ରଥମରୁ ୟୁଟିଆଇର ସମସ୍ୟା ମୂତ୍ରତ୍ୟାଗ ସମୟରେ କୌଣସି ପ୍ରକାରର ବାଧାର କାରଣରୁ ହୋଇଥାଏ। କିନ୍ତୁ ଶୌଚାଳୟର ବ୍ୟବହାର କରିବା ସମୟରେ ସ୍ୱଚ୍ଛତାର ଧ୍ୟାନ ନରଖିଲେ ଏହାର ସଂକ୍ରମଣ ହୋଇଥାଏ। ଏହାର ଅନ୍ୟ ଏକ କାରଣ ଗରମ ଦିନରେ ଦୂଷିତ ପାଣିର ସେବନ ଓ ନିର୍ଜଳୀକରଣ (ଡିହାଇଡ୍ରେସନ) ମଧ୍ୟ ୟୁଟିଆଇର କାରଣ ହୋଇପାରେ ଏକ ରିପୋର୍ଟ ଅନୁସାରେ ଅସ୍ୱଚ୍ଛ ଶୌଚାଳୟ ଯୋଗୁ ଭାରତର ୫୦ ପ୍ରତିଶତ ମହିଳା ୟୁଟିଆଇ ସେ ପୀଡ଼ିତ ବୋଲି ଜଣାଯାଇଛି। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ୟୁରେଥା ଛୋଟ ହୋଇଥିବାରୁ ଏହାର ବ୍ୟାକ୍ଟେରିଆ ୟୁରିନାରୀ ବ୍ଲାଡରକୁ ଶୀଘ୍ର ପ୍ରଭାବିତ କରିଥାଏ।

## ୟୁଟିଆଇର ରକ୍ଷା ପାଇବାର ଉପାୟ

ଅଧିକରୁ ଅଧିକ ପାଣି ପିଅନ୍ତୁ। କମ୍ ପାଣି ପିଇବା ଯୋଗୁ ଡିହାଇଡ୍ରେସନ ହେବାର ସମ୍ଭାବନା ଅଧିକ ଓ ୟୁଟିଆଇରେ ମଧ୍ୟ ପୀଡ଼ିତ ହୋଇପାରନ୍ତି। ସାର୍ବଜନିକ ଶୌଚାଳୟର ବ୍ୟବହାର ନକରିବାକୁ ଚେଷ୍ଟା କରନ୍ତୁ। ଟଏଲେଟ୍ ବେଶୀ ସମୟ ବନ୍ଦ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ।

# ମାଛି ହେବନି



ବର୍ଷାରେ ସନ୍ତସନ୍ତିଆ ଲାଗିବା ସାଙ୍ଗକୁ ମାଛି ସଂଖ୍ୟା ଏତେ ବଢ଼ିଯାଏ ଯେ ଅଧିକ ସଂଖ୍ୟାରେ ମାଛି ଘରେ ପଶି ବିରକ୍ତି କରିଦିଅନ୍ତି। ବିଶେଷକରି ଖାଦ୍ୟ ଉପରେ ମାଛି ବସିଲେ ଖୁବ୍ ବିରକ୍ତ ଲାଗେ। ସ୍ୱାସ୍ଥ୍ୟଗତ କାରଣ ସହିତ ପରିଚ୍ଛନ୍ନତା ଦୃଷ୍ଟିରୁ ମାଛି ଘଉଡ଼ାଇବାକୁ ଚାହାନ୍ତି। ତେବେ ଯେତେ ଉପାୟ କଲେ ମଧ୍ୟ ମାଛି ଘରୁ ଯାଆନ୍ତି ନାହିଁ। ଏପରିସ୍ଥିତିରେ କେତେକ ଘରୋଇ ଉପାୟ ବ୍ୟବହାର କରି ମାଛି ଦୂରେଇ ପାରିବେ।

- ତୁଳସୀ ଗଛ ବିଭିନ୍ନ ରୋଗ ନିରାକରଣ ସହିତ ମାଛି ଘଉଡ଼ାଇବାରେ ବି ବେଶ୍ ଉପକାରୀ। ଘରେ ତୁଳସୀ ଗଛ ଲଗାଇଲେ ବର୍ଷାଦିନେ ମାଛି ଆସିବେ ନାହିଁ।
- କିଛି ଆଳତି କର୍ପୂର ଜଳାଇ ଏହାକୁ ଘର ସାରା ବୁଲାଇ ଆଣିଲେ ଏହାର ଧୂଆଁ ଏବଂ ସୁଗନ୍ଧରେ ମାଛି ପଳାଇବେ।
- ଲାଭେଣ୍ଡର, ନୀଳଗିରି, ପୋଦିନା ଏବଂ ଲେମନ ଗ୍ରାସ ପରି ତେଲ ଶୟନକକ୍ଷ, ରୋଷେଇଘର ଆଦି ସ୍ଥାନରେ ସିଂଚନ କଲେ ମାଛି ଆସିବେ ନାହିଁ।
- ଲଙ୍କା ମଧ୍ୟ ମାଛି ଘଉଡ଼ାଇବାରେ ଉପକାରୀ। ଏକ ସ୍ପ୍ରେ ବୋତଲରେ କିଛି ଲଙ୍କାଗୁଣ୍ଡ ଏବଂ ପାଣି ମିଶାଇ ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରିଦେବେ।
- ସେଓରେ କିଛି ଲବଙ୍ଗ ଲଗାଇ ଏହାକୁ ମାଛି ଭଣଭଣ ହେଉଥିବା ସ୍ଥାନରେ ରଖିଦିଅନ୍ତୁ। ଦେଖିବେ, କିଛି ସମୟ ପରେ ମାଛି ପଳାଉଛନ୍ତି। ଅସଲରେ ମାଛି ଲବଙ୍ଗର ସୁଗନ୍ଧ ସହିପାରନ୍ତି ନାହିଁ।

# ବର୍ଷାଋତୁରେ ସ୍କିନର ଯତ୍ନ



- ଅଧିକାଂଶ ମହିଳା ବର୍ଷାରେ ମଇଷ୍ଟରାଇଜର ଲଗାଇବାକୁ ଚାହାଁନ୍ତି ନାହିଁ। କିନ୍ତୁ ବର୍ଷାରେ ମଧ୍ୟ ସ୍କିନକୁ ପୋଷଣର ଆବଶ୍ୟକତା ରହିଥାଏ। ବର୍ଷାରେ ବାରମ୍ବାର ଭିଜିବା ଦ୍ୱାରା ସ୍କିନ୍ ଶୁଷ୍କ ହୋଇଯାଏ। ଏହାଦ୍ୱାରା ସ୍କିନ୍ କୁଣ୍ଡେଇ ହୁଏ ଓ ରେସେସ୍ ହୋଇଯାଏ। ତେଣୁ ମଇଷ୍ଟରାଇଜର ଲଗାଇବା ବନ୍ଦ କରନ୍ତୁ ନାହିଁ।
- ବର୍ଷା ପରେ ଯେତେବେଳେ ଖରା ହୁଏ ବହୁତ ଟାଣ ଖରା ହୁଏ। ତେଣୁ ସନସ୍କ୍ରିନ୍ ଲଗାଇ ବାହାରକୁ ବାହରନ୍ତୁ। ସନସ୍କ୍ରିନରେ ସ୍କିନ୍ ଅଲଟ୍ରା ୱାୟଲେଟ୍ କିରଣରୁ ସୁରକ୍ଷା ଦେବ।
- ବର୍ଷା ପାଗରେ ବାତାବରଣରେ ଆର୍ଦ୍ରତା ଅଧିକ ରୁହେ। ଏପରି ସ୍ଥଳେ ପୋର୍ସ ମଧ୍ୟ କଳା ହୋଇଯାଏ। ଏହା ଦ୍ୱାରା ବ୍ରଣ ହୋଇଥାଏ। ଆପଣ ଚାହିଁଲେ ଭଲ ଆଣ୍ଟି ବ୍ୟାକ୍ଟେରିଆଲ ଟୋନର ମଧ୍ୟ ବ୍ୟବହାର କରିପାରିବେ। ଏହା ବ୍ୟତୀତ ଗୋଲାପ ଜଳ ବ୍ୟବହାର କରିଲେ ଫାଇଦାରେ ରହିବେ।
- ବର୍ଷାଋତୁରେ ଅଧିକାଂଶ ବେମାରୀ ଅପରିଷ୍କାର ଯୋଗୁଁ ହୋଇଥାଏ। ତେଣୁ ଆପଣ ହାତ, ଗୋଡ଼କୁ ସମୟ ସମୟରେ ସଫା ରଖନ୍ତୁ। ଭଲ କ୍ୱାଲିଟିର ଫେସ୍ ୱାସରେ ମୁହଁକୁ ଦିନରେ ଦୁଇଥର ଧୁଅନ୍ତୁ। ୱାଟର ପ୍ରୁଫ୍ କ୍ଲିଞ୍ଜରର ବ୍ୟବହାର ମଧ୍ୟ କରିପାରିବେ।
- ବର୍ଷାରେ ଆପଣ ଓଦା ହୋଇଯାଉଥିବେ। ଏଥିରେ ଇନ୍‌ଫେକସନ୍‌ର ବିପଦ ସବୁବେଳେ ରହିଛି। ତେଣୁ ଆପଣ ସ୍କିନକୁ ଅଧିକ ଓଦା ନରଖିବାପାଇଁ ଚେଷ୍ଟା କରନ୍ତୁ। ନହେଲେ ଫଙ୍ଗଲ ଇନଫେକ୍ସନର ଭୟ ରହିଛି।

ବର୍ଷାଋତୁ ଆରମ୍ଭ ହୋଇଗଲାଣି। ବର୍ଷା ହେବାରୁ ଗରମରୁ ରକ୍ଷା ତ ମିଳିଥାଏ କିନ୍ତୁ ସ୍ୱାସ୍ଥ୍ୟ ଓ ସ୍କିନ୍ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଦେଇଥାଏ। ବ୍ରଣ, କୁଣ୍ଡେଇହେବା, ଜ୍ୱଳନ ଓ ଲାଲ୍ ଦାଗ ଇତ୍ୟାଦି ସମସ୍ୟା ଦେଖାଦେଇଥାଏ। ଏଥିରେ ସ୍କିନର ବିଶେଷ ଯତ୍ନର ଆବଶ୍ୟକତା ରହିଥାଏ।



# ଘନ କେଶ ପାଇଁ ପରିବା ରସ

ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ କେଶ ସୌନ୍ଦର୍ଯ୍ୟ ନିତାନ୍ତ ଆବଶ୍ୟକ। ଏବର ପରିବେଶରେ କେଶ ଝଡ଼ିବା, ଅକାଳରେ ପାଚିବା ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଘରୋଇ ଉପଚାରରେ ଏସବୁର ସମାଧାନ ହୋଇପାରିବ। ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ, ପୁରାତନ ଯୁଗରେ ପ୍ରାକୃତିକ ଉପଚାରରେ ହିଁ କେଶ ଚର୍ଚ୍ଚା କରାଯାଉଥିଲା।



- କେଶ ଅତ୍ୟଧିକ ଝଡୁଥିଲେ କିମ୍ବା କେଶର ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ପିଆଜ ରସ ତୁଳାରେ ନେଇ କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ରୁ ୩ ଥର ଏପରି କରିବା ଉଚିତ୍।
- ଦୈନିକ ଖାଲିପେଟରେ ସକାଳୁ ୧୦୦ ଗ୍ରାମ୍ ଗାଜର ରସ ପିଇବା କେଶ ପାଇଁ ଏକ ଉତ୍ତମ ପାନୀୟ। ଏପରି କଲେ କେଶ ଲମ୍ବା ହେବା ସହ ଅକାଳରେ ପାଚିନଥାଏ।
- କିୱି ଫଳକୁ ଗ୍ରାଇଣ୍ଡିଂ କରି କେଶରେ ଲଗାଇଲେ କେଶ ଘନ କଳା ହେବା ସହ ଝଡ଼େନାହିଁ।
- ନିୟମିତ ଭାବରେ ପାଳଙ୍ଗ ଶାଗ ଖାଇବା ସହ ଏହାର ରସକୁ କେଶ ଶାମ୍ପୁ କରିବା ପୂର୍ବରୁ ଲଗାନ୍ତୁ।
- କେଶକୁ ପ୍ରଦୂଷଣରୁ ରକ୍ଷା କରିବା ନିମନ୍ତେ ରସୁଣ ରସ ଲଗାଇ ୨୦ ମିନିଟ୍ ରଖନ୍ତୁ। ପରେ ଭଲଭାବରେ ଶାମ୍ପୁ କରି କେଶରେ ଦହି ଲଗାଇବା ଉଚିତ୍।
- ଘିକୁଆଁରୀ ରସ ମଧ୍ୟ କେଶ ଓ ତ୍ୱଚା ପାଇଁ ଭଲଭାବେ କାମ କରେ। ମେହେନ୍ଦି ପ୍ୟାକରେ ଏହି ରସ ବ୍ୟବହାର କରି କେଶରେ ୩୦ମିନିଟ୍ ପାଇଁ ଲଗାନ୍ତୁ। ସପ୍ତାହକୁ ଥରେ ଏହିପରି କଲେ କେଶର ଘନତ୍ୱ ବୃଦ୍ଧି ହୁଏ।
- ସହଜରେ ଉପଲବ୍ଧ ହେଉଥିବା ଧନିଆ ପତ୍ରକୁ ଛେଚି କେଶ ମୂଳରେ ଲଗାଇଲେ କେଶ ଝଡ଼ିବା କମ୍ ହୁଏ।



# ମେଥି



ଆୟୁର୍ବେଦରେ ମେଥିର ବହୁ ହିତକାରୀ ଗୁଣର ବର୍ଣ୍ଣନା ରହିଛି। ଶରୀର ପାଇଁ ଏହାର ପତ୍ର ଏବଂ ଦାନା ଉଭୟ ଅତ୍ୟନ୍ତ ଉପାଦେୟ। ମେଥିଚାରା ଦୁଇ ଫୁଟରୁ ୩ ଫୁଟ୍ ପର୍ଯ୍ୟନ୍ତ ବଢ଼େ। ଏହାକୁ ବାଡ଼ିରେ ମଧ୍ୟ ଲଗାଯାଇ ପାରିବ। ମଧ୍ୟକ୍ଷେତ୍ର, ଦକ୍ଷିଣ ୟୁରୋପ ଓ ପଶ୍ଚିମ ଏସିଆରେ ଏହାର ଉତ୍ପାଦନ ପ୍ରଚୁର ପରିମାଣରେ ହୁଏ। ଏହାର ସଂସ୍କୃତ ନାମ ମେଥିକା। ହିନ୍ଦୀ, ବଙ୍ଗଳା, ଓଡ଼ିଆ, ପଂଜାବୀ, ଗୁଜରାଟୀ ଓ ମରାଠୀରେ ଏହାକୁ ମେଥି ଏବଂ ତେଲଗୁରେ ମେନ୍ତଲୁ, ତାମିଲରେ ବେଣ୍ଡୟମ୍, ଇଂରାଜୀରେ ଫେନୁଗ୍ରିକ କୁହାଯାଏ।

## ଗୁଣ ଓ ଫାଇଦା

୧. ମଧୁମେହ ରୋଗୀଙ୍କୁ ଖାଦ୍ୟ ସହିତ ନିୟମିତ ମେଥି ଖାଇବାକୁ ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।
୨. ମେଥି ଆଣ୍ଠୁ, ଗଣ୍ଠି ବାତ ପାଇଁ ଅବ୍ୟର୍ଥ ଔଷଧ।
୩. ଏଥିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ ବାର୍ଦ୍ଧକ୍ୟ ପ୍ରଭାବକୁ କମ୍ କରେ।
୪. ନିୟମିତ ମେଥି ଖାଇଲେ ହୃଦଘାତ ଆଶଙ୍କା କମ୍ ହୁଏ।
୫. ମେଥି ପାଚନତନ୍ତ୍ରକୁ ଦୃଢ଼ କରେ ଏବଂ ବଦହଜମି ଦୂର କରେ।
୬. ଏହାର ତେଲରେ କର୍କଟ ପ୍ରତିରୋଧକ ଶକ୍ତି ରହିଥିବା ଗବେଷଣାରୁ ଜଣାପଡ଼ିଛି।
୭. ମେଥି ଶରୀରରେ ଥିବା ଅନାବଶ୍ୟକ ଚର୍ବି ଦୂର କରିବାରେ ସହାୟକ ହୁଏ।
୮. ଏଥିରେ ଥିବା ଫେଲୋନିକ୍ ଫ୍ଲେବୋନାଇଟ୍ ବୃକକର ରକ୍ଷାକବଚ ପରି କାମକରେ।
୯. ମେଥିରେ ଲେସିଥିନ୍ ନାମକ ଏକ ବିରଳ ତତ୍ତ୍ୱ ରହିଛି। ଏହା ମସ୍ତିଷ୍କର ଦୁର୍ବଳତା ଦୂର କରିଥାଏ।
୧୦. ମେଥିଦାନାର ଗଜା ଯକୃତ ବିକାର ଦୂର କରେ।

# ଏସସିବିବି ଏବଂ କର୍କଟ କେନ୍ଦ୍ରକୁ ପର୍ଯ୍ୟାୟକ୍ରମେ କରାଯିବ ସାନିଟାଇଜ

ଭୁବନେଶ୍ୱର, ୦୬/୭ (ନି.ପ୍ର): କଟକସ୍ଥିତ ଏସସିବି ମେଡ଼ିକାଲ କଲେଜ ହସ୍ପିଟାଲ ଏବଂ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ କରୋନା ଜନିତ ଆକ୍ରାନ୍ତ ଓ ମୃତ୍ୟୁ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ପାଇଁ ୪ଟି ପଦକ୍ଷେପ ନେବା ଲାଗି ସମୀକ୍ଷା ବୈଠକରେ ନିଷ୍ପତି ହୋଇଛି । ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ସଟ୍‌ଡାଉନ ବେଳେ ରୋଗୀମାନେ ଜରୁରୀ ନ ଥିଲେ ଓପିଡ଼ିକୁ ନ ଆସିବା, ଆସନ୍ତା ମଙ୍ଗଳବାର ଠାରୁ କଟକରେ ଆଂଟିଜେନ ପରୀକ୍ଷା କରିବା ପାଇଁ ନିଷ୍ପତି ହୋଇଛି । ଏହି ଟେଷ୍ଟ ପରେ ନୂଆ ରୋଗୀ ମାନଙ୍କର ଆଡ଼ମିଶନ କରାଯିବ । ଏହା ବ୍ୟତୀତ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାୟ କ୍ରମେ ସାନିଟାଇଜ କରିବା ପାଇଁ ନିଷ୍ପତି ହୋଇଛି । ବୈଠକ ପରେ ସ୍ୱାସ୍ଥ୍ୟ ବିଭାଗର ବୈଷୟିକ ମୁଖପାତ୍ର ରଣେନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଂଟିଜେନ ପରୀକ୍ଷା କରାଗଲେ ୨ରୁ ୩ ଘଂଟା ମଧ୍ୟରେ କୋଭିଡ଼ର ଷ୍ଟାଟସ ଜଣାପଡ଼ିଯିବ ।

## ପ୍ରବଳ ବର୍ଷାରେ ମାଟି ଘର ଭାଙ୍ଗିଲା

ନୂଆପଡ଼ା, ୦୬/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ପଂଚାୟତର ବେଦ୍ରାବାହାଲ ଗ୍ରାମର ଶୋଭାବନ ଶବରଙ୍କର ମାଟି ଘର ଭାଙ୍ଗି ଯାଇଥିବା ଅଭିଯୋଗ କରିଛନ୍ତି । ଗତକାଲି ଏବଂ ଆଜି ପ୍ରବଳ ବର୍ଷା ଯୋଗୁଁ ପୂର୍ବରୁ ସନ୍ତସନ୍ତିଆ ଥିବା ଏହି ମାଟି ଘରର କାନ୍ଥ ଭାଙ୍ଗି ଯାଇଥିବା ସୂଚନା ମିଳିଛି । ଫଳରେ ବର୍ତମାନ ପରିବାର ୪ ଜଣ ସଦସ୍ୟ ବେସାହାରା ହୋଇପଡିଛନ୍ତି । ସେମାନେ ତାଙ୍କର ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ଖଡିଆଳ ତହସିଲଦାରଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଶୋଭାବନ କିମ୍ବା ତାଙ୍କ ସ୍ତ୍ରୀ ଫୁଲମତୀଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ମୟୂରଭଞ୍ଜ ଜିଲ୍ଲାରେ ଭାଜପା ନେତା ମାନଙ୍କର କରୋନା କଟକଣା ଉଲଂଘନ ନେଇ ଅଭିଯୋଗ

## ଆଦିବାସୀ ଜାଗରଣ ମଂଚ ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କ ଠାରେ ଅଭିଯୋଗ ହୋଇଥିବାର ସୂଚନା

ବାରିପଦା, ୦୬/୭ (ନି.ପ୍ର): କରୋନା ମହାମାରୀ ସାରା ବିଶ୍ୱରେ ନିଜର କାୟା ବିସ୍ତାର କରିଥିବା ବେଳେ ଓଡିଶା ତଥା ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଦିନକୁ ଦିନ ସଂକ୍ରମଣର ସ୍ଥିତି ସଙ୍ଗୀନ ହେବାକୁ ଯାଉଛି । ଓଡିଶାରେ ଆଜିସୁଦ୍ଧା ୮୬୦୧ ଜଣ ବ୍ୟକ୍ତି ସଂକ୍ରମିତ ହୋଇଥିବା ବଳେ ୩୪ ଜଣଙ୍କ ଜୀବନ ଗଲାଣି । ମୟୂରଭଞ୍ଜରେ ମଧ୍ୟ ୨୫୩ ଜଣ ସଂକ୍ରମିତ ହୋଇ ସାରିଲେଣି । ତେବେ ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ମାନେ କରୋନା ସଂକ୍ରମଣର ଚେନକୁ ଭାଙ୍ଗିବା ପାଇଁ ସରକାର ଜାରୀ କରିଥିବା ସାମାଜିକ ଦୂରତା ନିୟମକୁ ଭଙ୍ଗ କରି ଚର୍ଚ୍ଚାର ପରିସରକୁ



ସୋସିଆଲ ମିଡିଆରେ ଆସୁଥିବାର ଦେଖାଯାଉଛି । ଆଜି ଆଦିବାସୀ ଜାଗରଣ ମଂଚ ପକ୍ଷରୁ ସଭାପତି ରାହୁଲ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୟୂରଭ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଜିଲ୍ଲାର ଭାଜପା ନେତା ଯଥା ସାଂସଦ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଡାଃ ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଂଟିଆ ତଥା ଅନ୍ୟାନ୍ୟ ନେତା ଓ କର୍ମକର୍ତା ମାନେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଦଳୀୟ କାର୍ଯ୍ୟକ୍ରମ ତଥା ସଭା ସମିତି କରି ସାମାଜିକ ଦୂରତା ନିୟମ ଭଙ୍ଗ କରୁଥିବାର ସୋସିଆଲ ମିଡିଆରେ ଫୋଟ ଓ ଭିଡିଓ ଭାଇରାଲ ହେବା ସହିତ ବିଭିନ୍ନ ସମ୍ବାଦପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି ବୋଲି ଆଦିବାସୀ ଜାଗରଣ ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି । ପ୍ରମାଣ ସ୍ୱରୂପ ଭାଜପା ନେତା ମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସୋସିାଲ ମିଡିଆରେ ଭାଇରାଲ ହୋଇଥିବା ଫୋଟ ଓ ଭିଡିଓ ମଧ୍ୟ ଦାଖଲ କରାଯାଇଥିବାର ଜଣାଯାଇଛି । ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ ଜଣାଇଛଁ ଆଦିବାସୀ ଜାଗରଣ ମଂଚର ସଭାପତି ରାହୁଲ ହେମ୍ବ୍ରମ ।

# ଜିଲ୍ଲା ବାହାର ବ୍ୟକ୍ତିଙ୍କୁ ପୁରୀ ଜିଲ୍ଲା ମଧକୁ ପ୍ରବେଶ ଉପରେ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ କଟକଣା

ପୁରୀ, ୦୬/୭ (ନି.ପ୍ର): ପୁରୀ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରୀ କରାଯାଇଛି । ତଦନୁଯାୟୀ, ଆଜି ଠାରୁ ଜିଲ୍ଲା ବାହାର ବ୍ୟକ୍ତିଙ୍କୁ ଜିଲ୍ଲା ମଧକୁ ପ୍ରବେଶ ଉପରେ କଟକଣା ଜାରୀ କରାଯାଇଛି । ଅତ୍ୟାବଶ୍ୟକ ସେବା କିମ୍ବା କୌଣସି ଜରୁରୀ କାର୍ଯ୍ୟ ନଥିଲେ ପ୍ରବେଶ ନିମନ୍ତେ ଅନୁମତି ମିଳିବ ନାହିଁ । ଜିଲ୍ଲା ମଧକୁ ଥିବା ପ୍ରବେଶ ପଥ ଗୁଡିକରେ ପୋଲିସର ଯାଂଚ୍ ଓ ପ୍ରହରା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଜରୁରୀ କାମରେ ଆସୁଥିବା ବ୍ୟକ୍ତିବିଶେଷ ପ୍ରଥମେ ପୋଲିସ ନାକାରେ ନିଜର ନାମ ପଞ୍ଜିକୃତ କରିବେ ଏବଂ କେଉଁ କାମରେ ଆସିଛନ୍ତି ତାହା ସ୍ପଷ୍ଟ କରିବେ । ପ୍ରବେଶ ଅନୁମତି ମିଳିବା ପରେ ସେ ଜିଲ୍ଲା ମଧକୁ ପ୍ରବେଶ କରିପାରିବେ । ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତର ରହିବ । ସେହିପରି ଅତ୍ୟାବଶ୍ୟକ ସେବା କିମ୍ବା କୌଣସି ଜରୁରୀ କାମ ନଥିଲେ ଜିଲ୍ଲା ବାହାରକୁ ମଧ ନଯିବା ପାଇଁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ବଳୱନ୍ତ ସିଂହ ।

# ଭଦ୍ରକ ଜିଲ୍ଲାରେ ପୁଲିସ ଶାସକ ଦଳର ବଚସ୍କର : ବିଜେପି

ଭଦ୍ରକ, ୬/୭ (ହି.ସ.) - ଭଦ୍ରକ ଜିଲ୍ଲାରେ ପୁଲିସ ଶାସକ ଦଳର ବଚସ୍କର ସାଜିଛି । ଶାସକ ଦଳର ନେତାଙ୍କ ଇଙ୍ଗିତରେ ବିଜେପି ଦଳର ନେତା ଓ କାର୍ଯ୍ୟକର୍ତା ମାନଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଉଛି । ଆଗକୁ ପଂଚାୟତ ନିର୍ବାଚନ ଥିବା ଦୃଷ୍ଟିରୁ ବିଜେପି ଦଳର ସାଂଗଠନିକ ଉତ୍‌ଥାନରେ ଭୟଭୀତ ହୋଇ ବିଜେଡି ନେତାମାନେ ପୁଲିସକୁ ହାତବାରିସୀ କରି ବିଜେପି ସମର୍ଥକମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନ ଦେଉଛନ୍ତି ବୋଲି ଆଜି ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନମନ୍ତ୍ରୀ ମନମୋହନ ସାମଲ ଓ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଗଭୀର ଉଦ୍‌ବେଗ ପ୍ରକଶ କରିଛନ୍ତି । ପ୍ରକାଶ ଥାଉକି ଗତକାଲି ଜିଲ୍ଲାର ବିଜେପି ଦଳର ସମସ୍ତ ବିଧାୟକ ପ୍ରାର୍ଥୀ, ସାଂସଦ ପ୍ରାର୍ଥୀ ଓ ଜିଲ୍ଲାସଭାପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ପୁଲିସର ମାତ୍ରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ । ଆଜି ପୂର୍ବତନ ଜିଲ୍ଲା ସଭାପତି ବଦ୍ରୀନାରାୟଣ ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଚାନ୍ଦବାଲି ଥାନା ଅଧିକାରିଣୀଙ୍କ ମାତ୍ରାଧିକ କାର୍ଯ୍ୟକଳାପ, ସ୍ୱେଚ୍ଛାଚାରିତା ଓ ପକ୍ଷପାତିତା ନୀତି ବିରୁଦ୍ଧରେ ଜିଲ୍ଲାର ଶୀର୍ଷ ନେତୃବୃନ୍ଦ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରଦୀପ ନାୟକ, ବରିଷ୍ଠ ଯୁବନେତା ଶଶୀକାନ୍ତ ବିଶ୍ୱାଳ, ଉଦୟ ନାରାୟଣ ମଲ୍ଲିକ, ବୁଦ୍ଧଦେବ ଜେନା ପ୍ରମୁଖ କ୍ଷୋଭ ପ୍ରକାଶ କରିବା ସହ ପୁଲିସର ଏଭଳି ଉଦ୍ଦେଶ୍ୟ ପ୍ରଣୋଦିତ ଦମନ ଲୀଳା ପ୍ରତିବାଦରେ ଦଳ ଜିଲ୍ଲାବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ ଚାନ୍ଦବାଲି ଥାନା ଅନ୍ତର୍ଗତ ଓ ମତୋ ଫାଣ୍ଡି ଅଧିନସ୍ଥ ବୋରିଝାଲ ଗ୍ରାମର ରାଜନୈତିକ ଶତୃତା କାରଣରୁ ୨୦୧୮ ମସିହା ନଭେମ୍ବର ମାସରେ ଚାନ୍ଦବାଲି ଠାରେ ଅନୁଷ୍ଠିତ ଦଳର ବ୍ଲକ ଘେରାଓ କାର୍ଯ୍ୟକ୍ରମରୁ ସମର୍ଥକମାନେ ଗ୍ରାମକୁ ଫେରୁଥିବା ବେଳେ ବିଜେଡି ଦଳର ସମର୍ଥକମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ଶିକାର ହୋଇ ସରୋଜ ବେହେରାଙ୍କ ହାତ ଭାଙ୍ଗିଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଘଟଣା ସ୍ଥଳରେ ଅନୁପସ୍ଥିତ ଥିବା ସରୋଜଙ୍କ ବାପା ତଥା ପୂର୍ବତନ ମଣ୍ଡଳ ସଭାପତି ଓ ସରପ କାହ୍ନୁ ବେହେରାଙ୍କୁ ମିଥ୍ୟା ମାମଲାରେ ସମ୍ପୃକ୍ତ କରି ତାଙ୍କୁ ଗିରଫ କରି ଜେଲ ପଠାଇଥିଲା । ସେହିପରି ୨୦୨୦ ଜାନୁଆରୀରେ କାହ୍ନୁ ବେହେରାଙ୍କ ପତ୍ନୀ ପଦ୍ମାବତୀ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲେ ମଧ ଅଭିଯୋଗ ପାଇ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ପୁଣି ଗତ ଜୁନ ମାସରେ ସରକାରୀ ଦଳ ସମର୍ଥିତ କିଛି ଅସାମାଜିକ ବ୍ୟକ୍ତି ବିଜେପି ସମର୍ଥିତ ପରିବାରର କବିତା ରାଉଳ ନାମ୍ନୀ ଜନୈକା ମହିଳାଙ୍କୁ ଅସଦାଚରଣ କରିଥିବା ଘଟଣାରେ ପୁଲିସ କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସେହପରି ଅନ୍ୟ ଏକ ଘଟଣା ଗତକାଲି ୪ ତାରିଖ ଶାସକ ଦଳର ଗୁଣ୍ଡା ଜୋର ଜବରଦସ୍ତ ମଦ ପିଇବା ପାଇଁ ଘଣ୍ଟେଶ୍ୱର ବଜାରର ଉଠା ଦୋକାନୀଙ୍କ ଠାରୁ ଚାନ୍ଦା ମାଗି ଦୋକାନ ଭଙ୍ଗାରୁଜା ଜିନିଷପତ୍ର ଫୋପଡାଫୋପଡି କରିଥିବା ଘଟଣାକୁ ପ୍ରତିବାଦ କରିଥିବା ବିଜେପି ଘଣ୍ଟେଶ୍ୱର ମଣ୍ଡଳ ସଭାପତି ମିତ୍ରଭାନୁ ଦାସଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଇ ତାଙ୍କୁ ଗିରଫ କରିବାକୁ ଶାସକ ଦଳ ଚାପ ପ୍ରୟୋଗ କରୁଥିବା ବିଜେଡି ଦଳର ବିଜେପି ପ୍ରତି ରାଜନୈତିକ ହୀନମନ୍ୟତାର ପ୍ରମାଣ ଦେଉଛି । ବାରମ୍ବାର ଶାସକ ଦଳର ଚାପର ବଶବର୍ତୀ ହୋଇ ଚାନ୍ଦବାଲି ଥାନା ଅଧିକାରିଣୀ ବିଜେପିର ଅଭିଯୋଗକୁ ଏଡେଇ ଦେଇ ସ୍ୱେଚ୍ଛାଚାରୀ ଭାବେ ପଦକ୍ଷେପ ନେଉଥିବାରୁ ଜିଲ୍ଲା ବିଜେପି ତାହାକୁ ଦୃଢ ନିନ୍ଦା କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ପରିସ୍ଥିତିର ପରିବ ନ ନ ଘଟିଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ଓ ସମସ୍ତ ଅଘଟଣ ପାଇଁ ଥାନା ଅଧିକାରିଣୀ ଦାୟୀ ରହିବେ ବୋଲି ବିଜେପି ଚେତାବନୀ ଦେଇଛି ।

# ମୟୂରଭଞ୍ଜରୁ ଚିହ୍ନଟ ହେଲେ ୬ ଜଣ ପଜିଟିଭ , ସୁସ୍ଥ ହେଲେ ୮

ବାରିପଦା, ୦୬/୭ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲାରୁ ୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଫେରିଆସିଥିବା ସମୟରେ ନୂଆ ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସଂକ୍ରମିତମାନଙ୍କ ମଧ୍ୟରେ ଜଣେ ବେତନଟୀ ବ୍ଲକ ଅଂଚଳ ସଙ୍ଗରୋଧ କେନ୍ଦ୍ର ଅନ୍ତେବାସୀ ରହିଥିବା ବେଳେ ୩ ଜଣ ଲୋକାଲ କଂଟାକ୍ଟରୁ ସଂକ୍ରମିତ ହୋଇଛନ୍ତି ଏବଂ ବଡ଼ସାହି ବ୍ଲକରୁ -୧, ବେତନଟୀ ବ୍ଲକରୁ -୧, ବାରିପଦା ପୌରପରିଷଦରୁ ଜଣେ ବାସୀନ୍ଦା ଭୁବନେଶ୍ୱରରେ ଲୋକାଲ କଂଟାକ୍ଟରୁ ଚିହ୍ନଟ ହୋଇଛନ୍ତି । ସେହିପରି ଶୁଳିଆପଦା ବ୍ଲକ ଅଂଚଳରେ କାର୍ଯ୍ୟରତ ୨ ଜଣ କୋଭିଡ଼ ଯୁଦ୍ଧାଙ୍କ ରିପୋର୍ଟ ପଜିଟିଭ ଆସିଛି । ଏହି ସମସ୍ତ କରୋନା ଆକ୍ରାନ୍ତମାନଙ୍କୁ ଚିକିତ୍ସା ନିମନ୍ତେ କୋଭିଡ଼ ହସପିଟାଲରେ ଭର୍ତି କରାଯିବା ସଂଗେସଂଗେ ସେମାନଙ୍କ ଯାତ୍ରା ବିବରଣୀକୁ ଯାଂଚ କରାଯାଉଛି ବୋଲି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି । ତେବେ ଗତ ଜୁନ ୨୯ରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ୧୦ ଜଣ କୋଭିଡ଼ ଯୁଦ୍ଧା କୋଭିଡ଼-୧୯ ଭୂତାଣୁରେ ଆକ୍ରାନ୍ତ ହୋଇଥିବା ବେଳେ ପ୍ରାୟତଃ ସମସ୍ତେ ସ୍ୱାସ୍ଥ୍ୟ ବିଭାଗର ଡ଼ାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ହୋଇଥିବାର ଜଣାପଡ଼ିଛି । ଆଜିର ୬ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାରେ ପଜିଟିଭ ସଂଖ୍ୟା ୨୫୯ରେ ପହଁଚିଛି ଏବଂ ସକ୍ରିୟ ସଂଖ୍ୟା ୭୩ , ସୁସ୍ଥ ସଂଖ୍ୟା- ୧୮୫, ମୃତ୍ୟୁ ସଂଖ୍ୟା- ୧ ଥିବାର ଜଣାପଡ଼ିଛି । ସେହିପରି ଜିଲ୍ଲାରେ ୬ ହଜାରରୁ ଅଧିକ ନମୁନା ପରୀକ୍ଷା ହୋଇଥିବା ସମୟରେ ପ୍ରତ୍ୟେକ ଦିନ ପ୍ରାୟ ଶହେ ମଧରେ ନମୁନା ପରୀକ୍ଷା କରାଯାଉଥିବାର ଜଣାପଡ଼ିଛି ।

# ସାମାଜିକ ଅନୁଷ୍ଠାନ ରୂପାୟନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, ୦୬/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ରୂପାୟନ ପକ୍ଷରୁ ସ୍ୱଳ୍ପ ସଂଖ୍ୟକ ଶୁଭେଚ୍ଛୁଙ୍କୁ ନେଇ ଜିଲ୍ଲାରେ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସାମାଜିକ ଦୂରତା ପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସମ୍ପାଦିକା ଶ୍ରଦ୍ଧାଞ୍ଜଳୀ ରାୟଙ୍କ ପୌରହିତ୍ୟ ବାସୁଦେବ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ଥାନୀୟ ସାମାଜିକ କର୍ମୀ, କଳାକାର, ଗଣମାଧମର ପ୍ରତିନିଧି , କବି ଲେଖକ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ସମ୍ପାଦିକା ଶ୍ରୀମତୀରାୟ ସଂଗଠନରେ ଅଧିକ ସଂଖ୍ୟକ ଜନସାଧାରଣ ଓ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ଏହାକୁ ଏକ ବୃହତ ସଂଗଠନରେ ପରିଣତ କରିବା ସହିତ ମୟୂରଭଞ୍ଜ ଜିଲ୍ଲାରେ ଆଗାମୀ ଦିନରେ ରକ୍ତଦାନ ଶିବିର, ନିଷ୍ପେଷିତ ଅସହାୟମାନଙ୍କୁ ଆଇନଗତ ସହାୟତା ପ୍ରଦାନ, ସାମାଜିକ ଓ ଘୋରେଇ ହିଂସାର ସମାଧାନ, ନିଶା ନିବାରଣ, ସାମାଜିକ ସଚେତନତା ସୃଷ୍ଟି, କଳା ସଂସ୍କୃତିର ରକ୍ଷଣାବେକ୍ଷଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ସୁସଂଗଠିତ ଭାବରେ କାର୍ଯ୍ୟକରାଯିବା ନିମନ୍ତେ ନିଷ୍ପତି ଗ୍ରହଣ ପୂର୍ବକ ରୂପରେଖ ପ୍ରସ୍ତୁତ କରାଯାଇଛି । ଜିଲ୍ଲାରେ ରୂପାୟନର ଉପରୋକ୍ତ ସାମାଜିକ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ଏକ ସ୍ଥାନୀୟ କମିଟି ଗଠନ କରାଯାଇଛି । କମିଟିରେ ସଭାପତି ଭାବରେ ସମାଜସେବୀ ବିଜୟ ମହାପାତ୍ର, ସାମାଜିକ କର୍ମୀ ବାସୁଦେବ ସାହୁ ଉପସଭାପତି, ଆଇନଜିବୀ ପାର୍ବତୀ ବାରିକ ସମ୍ପାଦିକା, ଦୀପକ କୁମାର ନାୟକ ସହ ସମ୍ପାଦକ, କବୟତ୍ରୀ ସାଗରୀକା ମହାନ୍ତି କୋଷାଧ୍ୟକ୍ଷା ଓ ସଂଯୋଜଜିକା ଭାବରେ ଏବଂ ବରିଷ୍ଠ ଚଳଚିତ୍ର ଅଭିନେତା ଅସୀତ ପତି, ସମାଜସେବୀ ଭବେଶ ଚନ୍ଦ୍ର ପାଣିଗ୍ରାହୀ, ସ୍ୱେଚ୍ଛାସେବୀ ଶକ୍ତିପଦ ଦାସ, ବୀଣାପାଣି ରାଉତ, ସୁଧାମୟୀ ଦାସ, ସସ୍ମିତା ଘୋଷାଲ, ପ୍ରଦୀପ କୁମାର ଦାସ, ସତ୍ୟାନନ୍ଦ ଶେଜପଡାଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିବାର ଜଣାଯାଇଛି । ଏହା ସହିତ ରୂପାୟନ ପକ୍ଷରୁ ଏକ ଲେଖକ ସାମୁଖ୍ୟ ମଧ୍ୟ ଗଠନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଆଜିର ଏହି ବୈଠକରେ ପ୍ରଜ୍ଞା ପାରମିତା ବିଶ୍ୱାଳ ସ୍ୱାଗତ ଜଣାଇଥିବା ବେଳେ ସାଗରିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦେବସ୍ମିତା ଦାସ, ମନୋଜ ବେହେରା, ସଞ୍ଜିବ କୁମାର ରଣଜିତ, ଦିଲ୍ଲିପ କୁମାର ପାତ୍ର, ଅରବିନ୍ଦ ଦାସ, ଅଶୋକ କୁମାର ବସ୍ତିଆ, ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

କୋରେଇ, ୦୬/୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଶଗଡି ଗ୍ରାମରେ ଆଜି ସକାଳୁ ଶୌଚପାଇଁ ଯାଇଥିବା ଜୈନିକ ନାବାଳିକାକୁ ସେହି ଗ୍ରାମର ଯୁବକ ଦୁର୍ଷ୍କର୍ମ କରିବା ସହ ପାଚିଶୁଣି ସେଠାରେ ପହଂଚିଥିବା ମହିଳାଙ୍କୁ ଆକ୍ରମଣ କରିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ପରେ ଥାନାଧିକାରୀ ଅଜୟ କୁମାର ଜେନା ଏସଆଇ ପୁଷ୍ପଲତା ବେହେରାଙ୍କୁ ତଦନ୍ତ ଦାୟିତ୍ୱ ଅର୍ପଣ କରିଛନ୍ତି । ଶ୍ରୀମତୀ ବେହେରା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକାଶ ଯେ ଶଗଡି ଶାଳପଡା ଗ୍ରାମର ନିୟାମୁଦ୍ଦିନ ଖାଁଙ୍କ ଅଭିଯୋଗ ମୁତାବକ ତାଙ୍କ ନାବାଳିକା ଝିଅ ଆଜି ଭୋରୁ ବାହାର ପଡିଆକୁ ଶୌଚ ପାଇଁ ଯାଇଥିବା ବେଳେ ରାମପୁର ଶଗଡି ଗ୍ରାମର ମିର୍ଜା ଗାଲିଫ ବେଗ(କୁନୁ) ଏକ ସାଇକେଲରେ ଆସି ସେଠାରେ ପହଂଚି ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା । ପାଟି ଶୁଣି ଅନ୍ୟ ଜଣେ ମହିଳା ସେଠାରେ ପହଂଚି ଯିବାରୁ କୁନୁ ତାକୁ ମାଡମାରି ସାଇକେଲ ଛାଡି ଦୌଡି ପଳାଇଥିଲା । ଏନେଇ ପିଡିତାର ପିତା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

## ଅନନ୍ତ ଶୟନରେ ମହାବାହୁ, ପଦ ପ୍ରକ୍ଷାଳନ କରୁଛନ୍ତି ମା ମହାଲକ୍ଷ୍ମୀ

ପୁରୀ, ୦୬/୭ (ନି.ପ୍ର): ହରିଶୟନ ଏକାଦଶୀ ଠାରୁ ମହାପ୍ରଭୁ ଅନନ୍ତ ଶୟନରେ ରହିଛନ୍ତି । ଚର୍ତୁମାସିଆ ୪ ମାସ ପର୍ଯ୍ୟନ୍ତ ପ୍ରଭୁ ଶୟନ କରିବେ । ଏହି ସମୟରେ ମହାଲକ୍ଷ୍ମୀ ପ୍ରଭୁଙ୍କ ଯାତ୍ରାଜନିତ କ୍ଳାନ୍ତିକୁ ଦୂର କରିବା ପାଇଁ ପଦ ପ୍ରକ୍ଷାଳନ କରିବେ । ଅନନ୍ତ ଶୟନର ଚିତ୍ର ଶ୍ରୀମନ୍ଦିର ଭିତରେ ରହିଛି । ଏହି ୪ ମାସ ପର୍ଯ୍ୟନ୍ତ କୌଣସି ଶୁଭ କାର୍ଯ୍ୟ ହେବ ନାହିଁ । ପ୍ରଭୁ କାର୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଜାଗ୍ରତ ହେବେ । ଏହି ସମୟରେ ପ୍ରଭୁ ନିଦ୍ରା ଯାଇଥିଲେ ମଧ ଭକ୍ତଙ୍କ ଗୁହାରି ଶୁଣନ୍ତି ବୋଲି ବିଶ୍ୱାସ ରହିଛି ।

# ଆଣ୍ଠୁଏ ପାଣିରେ ବୁଡି ରହିଛି କଜଳା ରାସ୍ତା

କେନ୍ଦ୍ରାପଡ଼ା, ୦୬/୭ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ବାୟାମଠ ଛକରୁ ହାଇରୋଡ୍‌କୁ ଯିବା ପାଇଁ ଥିବା କଜଳା ରାସ୍ତାରେ ଆଣଣ୍ଠୁଏ ବର୍ଷାଜଳ ଓ ନର୍ଦ୍ଦମା ପାଣି ଜମି ରହିଥିବାରୁ ଯିବାଆସିବା ପାଇଁ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଜଳା ରାସ୍ତାର ଏହି ବାଟରେ କେନ୍ଦ୍ରାପଡା ଟାଉନକୁ ଦୈନିକ ଶହ ଶହ ଲୋକେ ଯାତାୟତ କରିଥାନ୍ତି । ଡ୍ରେନନେଚ୍ କରିବା ପାଇଁ ପୌରସଂସ୍ଥା ପକ୍ଷରୁ ଏହି ରାସ୍ତାକୁ ଖୋଳା ଯାଇ ଥିବାରୁ ବର୍ଷାଜଳ ଓ ନର୍ଦ୍ଦମା ପାଣି ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ଜମି ରହୁଛି । ତୁରନ୍ତ ଏହାକୁ ଗମନାଗମନ ଉପଯୋଗୀ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

# ପୋଖରୀରେ ବୁଡ଼ି ମୃତ୍ୟୁ ଅଭିଯୋଗ

ନୂଆପଡ଼ା, ୦୬/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତୁକଲା ଗ୍ରାମର ହରିଜନପଡାର ଟଙ୍କଧର ସୁନା(୪୦) ନାମକ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଅଭିଯୋଗ ହେଉଛି । ସୂଚନାମତେ ରବିବାର ଦିନ ୧୧ଟା ସମୟରେ ଟଙ୍କଧର ଗ୍ରାମସ୍ଥିତ ହଗରିମୁଡାକୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ । ଅପରାହ୍ନ ୨ ଘଂଟା ସମୟରେ ପରିବାର ଲୋକେ ଖୋଜାଖୋଜି କରିବା ପରେ ଟଙ୍କଧରଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ । ଏନେଇ ତୁକଲା ପୁଲିସ ବିଟ୍‌କୁ ଖବର ପରେ ବିଟ୍ ପୁଲିସ ଓ ଘରଲୋକେ ପୋଖରୀରୁ ମୃତଦେହକୁ ଉଦ୍ଧାର କରିଥିଲେ । ଖଡିଆଳ ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ମୃତବ୍ୟକ୍ତିଙ୍କ ୬ ପୁଅଝିଅ ଥିବା ଜଣାପଡିଛି । ତଙ୍କ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବାରୁ ତାଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପଡାବାସୀ ଦାବୀ ଜଣାଇଛନ୍ତି ।

# ପସ ମେସିନ୍ ବ୍ୟବହାରକୁ ରିଟେଲରଙ୍କ ନାପସନ୍ଦ : ଖାଉଟିଙ୍କୁ କୋଭିଡ୍ ସଂକ୍ରମଣ ଭୟ

ଭଦ୍ରକ, ୬/୭ (ହି.ସ.) - ରାଜ୍ୟରେ କୋଭିଡ୍ ସଂକ୍ରମଣ ବିସ୍ଫୋରଣ ମୁହାଁ ହୋଇପଡୁଥିବାବେଳେ ଯୋଗାଣ ନିଗମ ସେଥିକୁ ଖାତିର ନକରି ସାଧାରଣ ବଂଟନ ବ୍ୟବସ୍ଥାରେ ପସ୍ ମେସିନ୍ ବ୍ୟବହାରକୁ ବାଧ୍ୟତାମୂଳକ ଘୋଷଣା କରିଛନ୍ତି । କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଜାତୀୟକରଣ ବ୍ୟାଙ୍କ ଗୁଡିକ ଏଟିଏମ୍, ପାସ୍ ବୁକ୍ ଏବଂ ସମସ୍ତ ପ୍ରକାର ସ୍ମାର୍ଟକାର୍ଡରେ ନେଣଦେଣକୁ ଅସ୍ଥାୟୀ ରୂପେ ବନ୍ଦ କରିଦେଇଥିବା ବେଳେ ଯୋଗାଣ ନିଗମ ସାଧାରଣ ବଂଟନ ବ୍ୟବସ୍ଥାରେ ପସ୍ ମେସିନ୍‌କୁ ବାଧ୍ୟତାମୂଳକ ଘୋଷଣା କରିବା ସାଧାରଣ ବଂଟନ ବ୍ୟବସ୍ଥାରେ ନିୟୋଜିତ ଲକ୍ଷ ଲକ୍ଷ ରିଟେଲରଙ୍କୁ ଚିନ୍ତାରେ ପକାଇ ଦେଇଛି । ସାଧାରଣ ବଂଟନ ବ୍ୟବସ୍ଥାରେ ପସ୍ ମେସିନ୍ ବ୍ୟବହାର ଫଳରେ କୋଭିଡ୍ ସଂକ୍ରମଣ ବଢିବା ଆଶଙ୍କା କରି ଗତ କିଛିମାସ ତଳେ ରାଜ୍ୟ ସରକାର ରିଟେଲରଙ୍କୁ ସାମାଜିକ ଦୂରତା ରକ୍ଷାକରି ବିନା ପସ୍ ମେସିନ୍‌ରେ ରାସନ୍ ସାମଗ୍ରୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବ୍ୟବସ୍ଥାରେ ଅପ୍ରେଲ, ମଇ ଏବଂ ଜୁନ୍ ୩ ମାସର ରାସନ୍ ସାମଗ୍ରୀ ମଧ ଯୋଗାଇ ଦିଆଯାଇଥିଲା । ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁଣି ୩ ମାସର ରାସନ୍ ସହିତ କେନ୍ଦ୍ର ସରକାର ଘୋଷଣା କରିଥିବା ୫ ମାସର ମାଗଣା ଚାଉଳ ଏବଂ ଡାଲି ବଂଟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାବେଳେ ଜିଲା ଯୋଗାଣ ନିଗମ ରିଟେଲରଙ୍କୁ ବିନା ପସ୍ ମେସିନ୍‌ରେ ରାସନ୍ ବଂଟନ କରିବାକୁ ବାରଣ କରିଛନ୍ତି । ଯାହାକୁ ନେଇ ଏବେ ଜିଲାବ୍ୟାପୀ ରିଟେଲରଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜିଲା କୋଭିଡ୍ ସଂକ୍ରମଣ ୨୪୬ ରେ ପହଂଚିଥିବାବେଳେ ଆଗକୁ ତାହା ବିସ୍ଫୋରକ ପରିସ୍ଥିତି ଆଡକୁ ମୁହାଁଇଛି । ଏଭଳି ସମୟରେ ସରକାର ତଥା ଜିଲା ପ୍ରଶାସନ କୋଭିଡ୍ ମୁକାବିଲା ନେଇ ଅଧିକ ସତର୍କ ଏବଂ ସଚେତନ ହେବା ବଦଳରେ ପସ୍ ମେସିନ୍ ବ୍ୟବହାର କରି କୋଭିଡ୍‌କୁ ଆମନ୍ତ୍ରଣ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ରିଟେଲର ମାନେ ଅଭିଯୋଗ କରିଛନ୍ତି । ଗତକାଲି ଭଦ୍ରକ ପୌରାଂଚଳରେ ଥିବା ୩୦ ରୁ ଉର୍ଦ୍ଧ୍ୱ ରିଟେଲର ବିଧାୟକ ସଂଜୀବ ମଲ୍ଲିକଙ୍କୁ ଭେଟି କୋଭିଡ୍ ସଂକ୍ରମଣ ସମୟରେ ଯୋଗାଣ ନିଗମ ଜାରି କରିଥିବା ପସ୍ ମେସିନ୍ ବ୍ୟବହାର ଜନିତ କଟକଣା ହଟାଇ ନେବାକୁ ଦାବିପତ୍ର ଦେଇଛନ୍ତି । ଜିଲା ପ୍ରଶାସନ ଘଟଣାର ଗମ୍ଭୀରତାକୁଦୃଷ୍ଟିରେ ରଖି କରୋନା ବିପତି ନ ଟଳିବା ଯାଏ ସାଧାରଣ ବଂଟନ ବ୍ୟବସ୍ଥାରେ ପସ୍ ମେସିନ୍ ବ୍ୟବହାରକୁ ଅସ୍ଥାୟୀ ଭାବେ ରଦ୍ଦ କରିବାକୁ ଦାବି କରିଛନ୍ତି । ଜିଲାରେ ଏବେ ସାଧାରଣ ବଂଟନ ବ୍ୟବସ୍ଥାରେ ୫୧୬ ଜଣ ରିଟେଲର ରହିଥିବାବେଳେ ଭଦ୍ରକ ପୌରପାଳିକାରେ ୩୧ ଜଣ ପ୍ରାଇଭେଟ୍ ରିଟେଲର ରହିଛନ୍ତି । ଯେଉଁମାନଙ୍କ ଜରିଆରେ ଜିଲାରେ ପ୍ରାୟ ୧୨ ଲକ୍ଷ ଲୋକଙ୍କୁ ମାସିକ ରାସନ୍ ସାମଗ୍ରୀ ଯୋଗାଇ ଦିଆଯାଉଛି ।

## ଭୁବନ ତହସିଲଦାର ଶକ୍ତିକାନ୍ତ ରାୟ ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନ, ୦୬/୭ (ନି.ପ୍ର): ଭୁବନ ତହସିଲଦାର ତଥା ଏକଜ୍ୟୁକୁଟିଭ ମାଜିଷ୍ଟ୍ରେଟ ଶକ୍ତିକାନ୍ତ ରାୟ ଙ୍କର ଭୁବନେଶ୍ୱରସ୍ଥ ଜି.ଏ (ଜେନେରାଲ ଆଡମିନଷ୍ଟ୍ରେସନ ) ବିଭାଗକୁ ପଦୋନ୍ନତି ପାଇ ଯାଇଥିବା କାରଣରୁ ବିଭିନ୍ନ ଅନୁଷ୍ଠାନ ଏବଂ ତହସିଲ କର୍ମଚାରୀ ଙ୍କ ତରଫରୁ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶୁଭେନ୍ଦୁ କୁମାର ସାହୁ ଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଂପାଦକ ନିରଂଜନ ଗୁରୁ,ଗୋପୀନାଥ ମହାନ୍ତି,ଦେବବ୍ରତ ପୃଷ୍ଟି ପ୍ରମୁଖ ଙ୍କ ଉପସ୍ଥିତିରେ ଉତରୀୟ, ପୁଷ୍ପଗୁଚ୍ଛ ଓ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କୋଭିଡ-୧୯ ପରିଚାଳନାରେ ତାଙ୍କର ଦକ୍ଷତା ଓ କର୍ତବ୍ୟନିଷ୍ଠାକୁ ଉଚ୍ଚ ପ୍ରଶଂସା କରାଯାଇଥିଲା । ତହସିଲ ଅଫିସ ରେ ଅତିରିକ୍ତ ତହସିଲଦାର ତଥା ଉପନିବନ୍ଧକ ମନୋଜ କୁମାର ମାଝି ଙ୍କ ପୌରହିତ୍ୟରେ ବରିଷ୍ଠ କିରାଣୀ ଲକ୍ଷ୍ମୀଧର ସେଠୀ,ରାଜସ୍ୱ ପରିଦର୍ଶକ ସୁଜିତ କୁମାର ଭୋଇ, ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପରିଡା,ପ୍ରଣତୀ ଭୋଇ, ସଂସ୍ଥା ବିଭାଗ ବରିଷ୍ଠ କିରାଣୀ ସୁଧୀର କୁମାର ପଣ୍ଡା, ରେକର୍ଡ କିପର ସତ୍ୟବ୍ରତ ନାୟକ, କର୍ମଚାରୀ ମଂଟୁ ସିଂ, ସୁନାରାମ ତିରିଆ ପ୍ରମୁଖ ଙ୍କ ଉପସ୍ଥିତିରେ ଶ୍ରୀଯୁକ୍ତ ରାୟ ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାମାକ୍ଷାନଗର ତହସିଲଦାର ସଂଜୟ କୁମାର ରାଉତ ଙ୍କୁ ଭୁବନ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି ।

# ଜୁଲାଇ ୩୧ ଯାଏଁ ଖୋଲିବନି ଖଣ୍ଡଗିରି, ଉଦୟଗିରି , ଏଏସଆଇକୁ ଜିଲ୍ଲାପାଳଙ୍କ ଚିଠି

ଭୁବନେଶ୍ୱର, ୦୬/୭ (ନି.ପ୍ର): କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଖଣ୍ଡଗିରି, ଉଦୟଗିରି ସମେତ ୯ଟି ଐତିହ୍ୟ କୀର୍ତିରାଜି ବର୍ତମାନ ଖୋଲିବନି । ସଂକ୍ରମଣ ବ୍ୟାପିବା ଆଶଙ୍କାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଏସବୁକୁ ନ ଖୋଲିବାକୁ ନିଷ୍ପତି ନେଇଛି ଜିଲ୍ଲା ପ୍ରଶାସନ । ଏନେଇ ଆର୍କିଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସଆଇ) ଓଡ଼ିଶା ସର୍କଲ ମୁଖ୍ୟଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଚିଠି ଲେଖିଛନ୍ତି । ଜୁଲାଇ ୬ ତାରିଖ ଓଡ଼ିଶାର କିଛି ଦର୍ଶନୀୟ ସ୍ଥାନ ଖୋଲିବାକୁ ଏଏସଆଇ ନିଷ୍ପତି ନେଇଥିଲା । ଭୁବନେଶ୍ୱରର ଖଣ୍ଡଗିରି, ଉଦୟଗିରି ଓ ଧଉଳି ସମେତ ବାରବାଟୀ ଦୁର୍ଗ, ଲଳିତଗିରି, ରତ୍ନଗିରି, ଚଉଷଠି ଯୋଗିନୀ ମନ୍ଦିର, ଅସୁରଗଡ଼ ଦୁର୍ଗ ଖୋଲିବାକୁ ନିଷ୍ପତି ହୋଇଥିଲା । ତେବେ ପୂର୍ବରୁ କୋଣାର୍କ ସୂର୍ଯ୍ୟ ମନ୍ଦିର ଖୋଲିବ ନାହିଁ ବୋଲି ସ୍ପଷ୍ଟ କରିଥିଲା ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା ବା ଏଏସଆଇ । ପୁରୀ ଜିଲ୍ଲା ପ୍ରଶାସନର କଟକଣା ଥିବାରୁ କୋଣାର୍କ ଖୋଲିବନି ବୋଲି ଏଏସ୍ଆଇ ପକ୍ଷରୁ କୁହାଯାଇଥିଲା ।

# ୭୧ତମ ବନମହୋତ୍ସବ ପାଳିତ

ଭୁବନେଶ୍ୱର,୬।୭ (ନି.ପ୍ର): ଚଳିତ ମୌସୁମୀରେ ରାଜ୍ୟର ୧ ଲକ୍ଷ ୩୦ ହଜାର ହେକଟର ଅଂଚଳରେ ସମୁଦାୟ ୬ କୋଟି ୩୦ ଲକ୍ଷ ବୃକ୍ଷଚାରା ରୋପଣ କରାଯିବ । ଏଥିମଧ୍ୟରୁ ବିଭିନ୍ନ ସହରାଂଚଳରେ ୪ ଲକ୍ଷ ୯୧ ହଜାର ବୃକ୍ଷଚାରା ରୋପଣ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି । ସୋମବାର ଘାଟିକିଆସ୍ଥିତ ଜଙ୍ଗଲ ବିଜ୍ଞାନ ଉଦ୍ୟାନରେ ଆୟୋଜିତ ୭୧ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ ବୃକ୍ଷରାଜି ତଥା ଜଙ୍ଗଲର ମହତ୍ୱ ଉପରେ ଗୁରୁତ୍ୱ ଆରୋପ କରି ବୃକ୍ଷରୋପଣ ପ୍ରତି ଆଗ୍ରହ, ଆବେଗ ଓ ଅନୁରାଗ ସୃଷ୍ଟି କରିବା ବନମହୋତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ରାଜ୍ୟରେ ପ୍ରତିବର୍ଷ ଜୁଲାଇ ପହିଲାରୁ ସାତ ତାରିଖ ପର୍ଯ୍ୟନ୍ତ ବନମହୋତ୍ସବ ସପ୍ତାହ ପାଳନ କରାଯାଇ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥାଏ । ଚଳିତ ବର୍ଷର ବନମହୋତ୍ସବ ପାଳନ ଅବସରରେ ଜନସାଧାରଣ ବ୍ୟାପକ ଚାରାରୋପଣ କରିବା ସହିତ ତାକୁ ସୁରକ୍ଷା ଦେଇ ରାଜ୍ୟରେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଶ୍ରୀ ଆରୁଖ ସମସ୍ତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଜଙ୍ଗଲ ବିଭାଗ ସମେତ ବିଭିନ୍ନ ବିଭାଗ ମଧ୍ୟ ଚାରା ବିତରଣ ଓ ସେମାନଙ୍କ ନିଜ ନିଜ ବିଭାଗର ସରକାରୀ ଜାଗାରେ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ସବୁଜିମା ବୃଦ୍ଧିରେ ଅବଦାନ ରଖିବା ପ୍ରଶଂସନୀୟ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ମୋନା ଶର୍ମା କହିଲେ ଯେ, କୋଭିଡ୍-୧୯ ନିର୍ଦ୍ଦେଶାବଳି ଅନୁସରଣ କରାଯାଇ ବନ ମହୋତ୍ସବ ପାଳିତ ହେଉଛି । ନିର୍ବାଚିତ ଜନପ୍ରତିନିଧି, ସରକାରୀ ପଦାଧିକାରୀ, ପଂଚାୟତ ସମିତି ସଭ୍ୟ, ନ୍ୟାୟପାଳିକା, ବନ ସୁରକ୍ଷା ସମିତି ସଭ୍ୟ, ବେସରକାରୀ ସଂଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି । ବନ ମହୋତ୍ସବ ପାଳନ ସମୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ଏଥି ସହ ସାନିଟାଇଜର୍ ଓ ହ୍ୟାଣ୍ଡୱାସ୍ ର ବ୍ୟବହାର, ସାମାଜିକ ଦୂରତା ରକ୍ଷା କରାଯାଉଛି । ପ୍ରତି କାର୍ଯ୍ୟକ୍ରମରେ ଅତି ବେଶିରେ ୫୦ ଜଣ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିପାରିବେ । ବୃକ୍ଷଚାରା ବଂଟନ ସଂପର୍କରେ ଯେକୌଣସି ସୂଚନା ପ୍ରଦାନ ଲାଗି ଭୁବନେଶ୍ୱରସ୍ଥିତ ଅରଣ୍ୟ ଭବନରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ (୧୮୦୦୩୪୫୭୧୫୮) ଖୋଲାଯାଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ସନ୍ଦୀପ ତ୍ରିପାଠୀ କହିଲେ ଯେ, ଚଳିତ ବର୍ଷ ୧୩ କୋଟି ବୃକ୍ଷ ଚାରା ଉତ୍ପନ୍ନ କରାଯାଇଛି । ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଉତ୍ପନ୍ନ ହୋଇଥିବା ଚାରା ମଧ୍ୟରୁ ଏହା ସର୍ବାଧିକ ଅଟେ । ଏହି ଚାରା ବିତରଣ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କୁ ବି ସାମିଲ କରାଯିବାର ବ୍ୟବସ୍ଥା ହୋଇଛି । ସହରାଂଚଳର ଲୋକେ ସିଧାସଳଖ ଭାବେ ଚାରା ଉତ୍ପାଦନ କେନ୍ଦ୍ରରୁ ଓ ଚାରା ବିତରଣ ଷ୍ଟଲ ରୁ ଆବଶ୍ୟକ ବୃକ୍ଷ ଚାରା ପାଇପାରିବେ । ଗ୍ରାମଗୁଡ଼ିକ ଓ ପଂଚାୟତ ରେ ଗ୍ରାମବାସୀମାନେ ଭ୍ରାମ୍ୟମାଣ ଚାରା ବିତରଣ ଯାନରୁ ଚାରା ପାଇପାରିବେ । ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଜନସାଧାରଣଙ୍କୁ ଏହି ତଥ୍ୟ ଦିଆଯିବ । ଚାରା ପାଇବା ପାଇଁ ପ୍ରତ୍ୟେକ ବନଖଣ୍ଡ ଅନ୍ତର୍ଭୁକ୍ତ ଜିଲ୍ଲାରେ ଚାରା ବିତରଣ ଷ୍ଟଲ୍ ଓ ଭ୍ରାମ୍ୟମାଣ ଚାରା ବିତରଣ ଗାଡ଼ି ଜୁଲାଇ ପହିଲାଠାରୁ ୭ ତାରିଖ ପର୍ଯ୍ୟନ୍ତ ବୁଲିବ । ସହରାଂଚଳରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ସର୍ବାଧିକ ୫ଟି ବୃକ୍ଷଚାରା ଓ ଗ୍ରାମାଂଚଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାଧିକ ୧୦ଟି ଚାରା ଦିଆଯାଇ ପାରିବ । ଅନୁଷ୍ଠାନ କ୍ଷେତ୍ରରେ ସର୍ବାଧିକ ୧୦୦ଟି ବୃକ୍ଷଚାରା ଦିଆଯିବ । ଜନସାଧାରଣଙ୍କ ପାଇଁ ପ୍ରତି ବୃକ୍ଷଚାରାର ମୂଲ୍ୟ ୧ ଟଙ୍କା ଧାର୍ଯ୍ୟ ହୋଇଛି । ସରକାରୀ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାଙ୍କୁ ବିନାମୂଲ୍ୟରେ ବୃକ୍ଷଚାରା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ । ଏହି ଅବସରରେ ଭ୍ରାମ୍ୟମାଣ ଚାରା ବିକ୍ରୟ ଭ୍ୟାନ୍ ଗୁଡିକୁ ସବୁଜ ପତାକା ଦେଖାଇ ମନ୍ତ୍ରୀ ଶ୍ରୀ ଆରୁଖ ଚାରା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ଆରୁଖ ଜଗନ୍ନାଥ ବିହାରଠାରେ ଚାରା ବଂଟନ କିଓସ୍କ କୁ ଉଦ୍‌ଘାଟନ କରିଥିଲେ । ସମଗ୍ର ରାଜ୍ୟର ୪୭ଟି ବନଖଣ୍ଡରେ ପ୍ରାୟତଃ ୫ କୋଟି ବିଭିନ୍ନ କିସମରଆଂଚଳିକ ତଥା ଦେଶୀୟ ଚାରାବଂଟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସହରାଂଚଳ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ବ୍ୟାପକ ଚାରା ବଂଟନ ପାଇଁ ୧୮୩ଟି କିଓସ୍କ ଖୋଲାଯିବା ସହ୧୩୮ଗୋଟି ଭ୍ରାମ୍ୟମାଣ ଭ୍ୟାନର ବ୍ୟବସ୍ଥା କରାଯାଇଛି। ବିଏମସି ଓ ସିଏମସି ଏବଂ ପୁରୀ ପୌରାଂଚଳରେ ଆଗ୍ରହୀ ଉପଭୋକ୍ତାଙ୍କ ନିମନ୍ତେ ଚାରା ବିତରଣ ପାଇଁ୩୬ଟି ଭ୍ୟାନ ଓ ୨୪ଟି ସ୍ଥାନରେ କିଓସ୍କ ବ୍ୟବସ୍ଥା କରାଯାଇଛି।

# ପୂର୍ବ ଶତୃତାକୁ ନେଇ ଧର୍ମଶାଳାରେ ମହିଳାଙ୍କୁ ବୀଭତ୍ସ ହତ୍ୟା:ସ୍ୱାମୀ ଓ ଝିଅ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ଧର୍ମଶାଳା,୬।୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳାରେ ମହିଳାଙ୍କୁ ବୀଭତ୍ସ ହତ୍ୟା । ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁରସ୍ଥ ସାରଙ୍ଗତିରଣ ଗାଁରେ ଏହି ଅଭାବନୀୟ ଘଟଣା । ଦୃବୃତଙ୍କ ଆକ୍ରମଣରେ ମାଆର ମୃତ୍ୟୁ ହୋଇଯାଇଥିବା ବେଳେ ବାପା ଓ ଝିଅ ଗୁରୁତର ଆହତ ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି ଯାହାକୁ ନେଇ ପୁରା ଯାଜପୁରରେ ତାଲାବନ୍ଦ ସମୟରେ ଚର୍ଚ୍ଚାର ବିଷୟ ପାଲଟିଛି । ମୃତକ ଜଣ ହେଲେ ତରୁଲତା ବିଶ୍ୱାଳ(୫୦) । ଗୁରୁର ଆହତ ହୋଇଥିବା ବାପା ନିତ୍ୟରଂଜନ ମଲ୍ଲିକ (୫୬) ଓ ଝିଅ ରାଜଶ୍ରୀ(୧୭)ଙ୍କ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି । ପୂର୍ବ ଶତୃତାକୁ ନେଇ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ଆଜି ସକାଳେ ଏହି ଗାଁରେ ଭଡାରେ ରହି ଥିବା ଏହି ଦମ୍ପତିଙ୍କ ଘର ପଛପଟ ଦ୍ୱାର ଖୋଲାଥିବା ନେଇ ପଡେଶୀମାନେ ଦେଖିବାକୁ ପାଇଥିଲେ । ଘର ପଛପଟେ ୩ ଜଣ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନେ ପଡିଥିବା ନେଇ ଗ୍ରାମବାସୀଙ୍କୁ ଖବର ଦେବା ସହିତ ଧର୍ମଶାଳା ଥାନାକୁ ଖବର ଦେଇଥିଲେ । ଖବର ପାଇ ଥାନା ଅଧିକାରୀ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପଂହଚି ବାପ ଓ ଝିଅଙ୍କୁ କଟକ ମେହିକାଲକୁ ପଠାଇ ଦେଇଥିବା ବେଳେ ତରୁଲତାଙ୍କୁ ମୃତ ଅବସ୍ଥାରେ ଶବ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି । ଘଟଣାସ୍ଥଳରେ ଯାଜପୁର ଏସପି ଚରଣସିଂ ମୀନା ଓ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇବା ସହିତ କେନ୍ଦ୍ରାପଡାରୁ ଏକ ସାଇଁଟିଫିକ ଦଳ ଓ ସନ୍ଧାନୀକୁ କୁକୁରକୁ ଘଟଣାସ୍ଥଳରେ ମୃତୟନ କରାଯାଇଛି । ଏବେ ତଦନ୍ତ ଚାଲିଛି,ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସପି ଚରଣସିଂ ମୀନା ପ୍ରକାଶ କରିଛନ୍ତି । ତରୁଲତାଙ୍କ ଶାଶୁ ଘର କେନ୍ଦ୍ରାପଡା ଜିଲା ଆଳି ଥାନା ଅନ୍ତର୍ଗତ ହନ୍ଦୁଆ ଗ୍ରାମର ବୋଲି ଜଣାପଡିଛି । ତରୁଲତା ଏହି ମିର୍ଜାପୁର ଅଂଚଳରେ ଶିକ୍ଷୟିତ୍ରୀ ଥିବାବେଳେ ସ୍ୱାମୀ ଭୂଷଣ ଷ୍ଟିଲ ପ୍ଲଟରେ କାର୍ଯ୍ୟରତ ଅଛନ୍ତି । ବିଦ୍ୟାଳୟରେ ଶିକ୍ଷକତା କରୁଥିବାରୁ ସେମାନଙ୍କ ପରିବାର ସହ ୧୨ ବର୍ଷ ହେବ ଏହି ମିର୍ଜାପୁରରେ ରହିଆସୁଥିଲେ । ଏଭଳି ଘଟଣାକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଜଳେଶ୍ୱର ନୋଡାଲ ହାଇସ୍କୁଲର ଏସ୍‌ଏମ୍‌ଡିସି କମିଟି ଭାଙ୍ଗିଲା

ଜଳେଶ୍ୱର,୬।୭(ନିପ୍ର): ୧୯୫୦ ମସିହାରେ ପ୍ରତିଷ୍ଠିତ ଉତ୍ତର ବାଲେଶ୍ୱରରେ ଅବସ୍ଥିତ ଜଳେଶ୍ୱର ନୋଡାଲ ହାଇସ୍କୁଲର ଏସ୍‌ଏମ୍‌ଡିସି କମିଟିକୁ ଦୀର୍ଘ ୯ବର୍ଷ ପରେ ଭାଂଗି ଦିଆଯାଇଛି । ବିଦ୍ୟାଳୟର ସୁପରିଚାଳନା ଲାଗି ୨୦୧୧ ମସିହାରେ ଏହି ଏସ୍‌ଏମ୍‌ଡିସି ଗଠନ କରାଯାଇଥିଲା । ମାତ୍ର ୨୦୧୭ ମସିହାରେ ସରକାରଙ୍କ ନୂତନ ଶିକ୍ଷାନିତୀ ଅନୁଯାୟୀ ଏକ ପରିସର ମଧ୍ୟରେ ଥିବା ନୂଆବଜାର ଉପ୍ରା ବିଦ୍ୟାଳୟ ଓ ଜଳେଶ୍ୱର ହାଇସ୍କୁଲକୁ ମିଶାଇ ନୋଡାଲ ସ୍କୁଲରେ ପରିଣତ ହେବା ଫଳରେ ଏହାର ପୁରୁଣା ଏସ୍‌ଏମ୍‌ଡିସି ର କୌଣସି କ୍ଷମତା ରହିଲା ନାହିଁ । ନିୟମ ଅନୁସାରେ ୧ମ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହୁଥିବା ଏହି ନୋଡାଲ ସ୍କୁଲର ଏସ୍‌ଏମ୍‌ସି (ବିଦ୍ୟାଳୟ ପରିଚାଳନା କମିଟି) ଗଠନ ହେବା କଥା । ସରକାରଙ୍କ ଚିଠି ଅନୁଯାୟୀ ଏହା ୨୦-୨-୨୦୧୮ ରୁ ଏହି ଏସ୍‌ଏମ୍‌ଡିସି କମିଟି ଭାଙ୍ଗିବା କଥା । ମାତ୍ର ଅଦ୍ୟାବଧି ୨ବର୍ଷ ବିତି ଯାଇଥିଲେ ମଧ୍ୟ ସେହି ପୁରୁଣା ଏସ୍‌ଏମ୍‌ଡିସି କମିଟି ବିଦ୍ୟାଳୟର ବିଭିନ୍ନ ଉନ୍ନୟମ ମୂଳକ କାର୍ଯ୍ୟରେ ସହଯୋଗ କରିଆସୁଥିଲା । ହେଲେ ଏହି ବେନିୟମ କାର୍ଯ୍ୟ ବିରୋଧରେ ନୂଆବଜାର ନିବାସୀ ଲକ୍ଷ୍ମୀନାରାୟଣ ଜେନା ଜିଲାପାଳଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ବାଲେଶ୍ୱର ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀଙ୍କ ନିର୍ଦ୍ଦେଶରେ ଏହି ଏସ୍‌ଏମ୍‌ଡିସି କମିଟିକୁ ଜୁଲାଇ ୧ତାରିଖରୁ ଭାଂଗିଦିଆଗଲା ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦେଇଥିଲେ । ବିଦ୍ୟାଳୟ ଖୋଲିବାପରେ ନୂତନ ଏସ୍‌ଏମ୍‌ସି ଗଠନ କରାଯିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଫଳରେ ସ୍ଥାନୀୟ ଅଂଚଳରେ ଏହା ଆଲୋଚ୍ୟର ବିଷୟ ହୋଇଛି ।

# କରୋନା ଆଳରେ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ଚଳିବ ନାହିଁ ସି.ପି.ଆଇ (ଏମ୍-ଏଲ୍) ଲିବରେସନ

ଭୁବନେଶ୍ୱର,୬।୭ (ନି.ପ୍ର): ମହାମାରୀ କରୋନା ଯୋଗୁଁ ଲୋକେ ଜୀବିକା ହରାଇଛନ୍ତି ଓ ସେମାନଙ୍କ ଜୀବନ ଘୋର ସଙ୍କଟରେ । ସରକାର କରୋନାର ପର୍ଯ୍ୟାପ୍ତ ପରୀକ୍ଷା କରୁନାହାଁନ୍ତି । କେବଳ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ କରି ଲୋକଙ୍କୁ ଘରେ ବନ୍ଦ କରି ରଖିବାର ସହଜ ଉପାୟକୁ ଆପଣେଇବା ଫଳରେ ସଂକ୍ରମଣ ଧିରେଧିରେ ବଢିଚାଲିଛି । ଗୋଟିଏ ପଟେ ଲୋକଙ୍କ ରୋଜଗାର ବ୍ୟବସ୍ଥା ଠପ୍ ହୋଇଯାଇଛି । ଅନ୍ୟପଟେ ସାମାଜିକ ଓ ଆର୍ଥିକ ଜୀବନ ଶୈଳୀରେ ଘୋର ବ୍ୟାଘାତ ଘଟି ଆତ୍ମହତ୍ୟା ପ୍ରବଣତା ବଢିଚାଲିଛି । ବିଶେଷକରି ଦାଦନ ଶ୍ରମିକ, ଗରିବ ଲୋକେ ଆଜି ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି । ଠିକ୍ ସେତିକି ବେଳେ କେନ୍ଦ୍ର ସରକାର ଡିଜେଲ୍ ଓ ପେଟ୍ରୋଲ୍ ଲିଟର ପିଛା ଟିକସ ୫୫ ଟଙ୍କାରୁ ୫୮ ଟଙ୍କା ବଢାଇଦେଇଛନ୍ତି । ଯେତେବେଳେ ଆନ୍ତର୍ଜାତିକ ବଜାରରେ ତେଲ ଦର କମୁଛି, ସେତେବେଳେ ଅତି ବେଶୀରେ ଲିଟର ପିଛା ତେଲ ଦର ୨୩ ଟଙ୍କାରୁ ୨୫ ଟଙ୍କା ଭିତରେ ରହିବା କଥା । ତାହା ଏବେ ୮୦ ଟଙ୍କାରୁ ବେଶି ହୋଇଯାଇଛି ଓ ତୈଳ କମ୍ପାନୀମାନେ ପ୍ରତିଦିନ ଦର ବଢାଇ ଚାଲିଛନ୍ତି । କର୍ପୋରେଟ୍ ସ୍ୱାର୍ଥ ରକ୍ଷା ପାଇଁ ଶ୍ରମ ଆଇନକୁ ବଦଳାଇ ଆଠ ଘଂଟା ପରିବର୍ତ୍ତେ ବାରଘଂଟା କରାଯାଇଛି । ଦେଶୀ ବିଦେଶୀ କମ୍ପାନୀଙ୍କ ସ୍ୱାର୍ଥ ପାଇଁ କୋଇଲା ଭଳି ପ୍ରାକୃତିକ ସମ୍ପଦକୁ ଆଖିବୁଜା ଲୁଟ୍ କରାଯାଉଛି । 'ଭାରତୀୟ ରେଳ' ଏବେ କର୍ପୋରେଟ୍ ରେଳରେ ପାଲଟି ଯିବାକୁ ବସିଛି । କମ୍ ଦରମା, ଅଧିକ କାମ, ନିରାପତା ବିହୀନ ଚାକିରୀ ସ ।ବଳୀ ପାଇଁ ଶ୍ରମିକମାନଙ୍କୁ ବାଧ କରାଯାଉଛି । ରାଜ୍ୟ ସରକାର ଡାଲି, ତେଲ, ଆଳୁ, ପିଆଜକୁ ଅତ୍ୟାବଶ୍ୟକୀୟ ସାମଗ୍ରୀରୁ ହଟାଇଦେବା ଫଳରେ କଳାବଜାରୀ ଓ ଦର ବଢୁଛି । ଠିକା ଚାଷ ପାଇଁ ବିଜେଡ଼ି ସରକାର ଅଧ୍ୟାଦେଶ ଆଣି ରାଜ୍ୟରେ ଚାଷକୁ ଧ୍ୱଂସ କରିଦେବାର ଚକ୍ରାନ୍ତ କରିଛନ୍ତି । ମଣ୍ଡିରେ ସମସ୍ତ ଧାନ ବିକ୍ରି ନ ହେବାରୁ ଅଭାବୀ ବିକ୍ରି ବଢୁଛି । ତେଣୁ ଏ ସମସ୍ତ ଜନବିରୋଧି କାର୍ଯ୍ୟ ବିରୋଧରେ ଲୋକେ ଆନ୍ଦୋଳନ ହିଁ କରିବେ । ଆନ୍ଦୋଳନ କରିବା ଲୋକଙ୍କର ସମ୍ବିଧାନ ପ୍ରଦତ ଏକ ଗଣତାନ୍ତ୍ରିକ ଅଧିକାର । ପୁନଶ୍ଚ ଲୋକଙ୍କ ଦାବି ଶୁଣିବା ଓ ପ୍ରତିକାର କରିବା ସରକାରଙ୍କ କର୍ତବ୍ୟ । ମୁଣ୍ଡ ପିଛା ମାସକୁ ୫ କେଜି ପରିବର୍ତ୍ତେ ୧୦ କେଜି ଚାଉଳ, ୧ କେଜି ଡାଲି ଓ ଆୟକର ଦେଉନଥିବା ପ୍ରତି ପରିବାରକୁ ମାସିକ ୭ ହଜାର ୫୦୦ ଟଙ୍କା ଦେବା ଆଦି ଅତ୍ୟନ୍ତ ଜରୁରୀ । ଲୋକଙ୍କ ଯଥାର୍ଥ ଦାବି ନ ମାନି ରାଜନୈତିକ ଦଳ, ଶ୍ରମିକ ସଂଗଠନ, ସାମାଜିକ କର୍ମୀଙ୍କ ବିରୋଧରେ କେସ୍ ଓ ବିଏମ୍‌ସି ମନୋମୁଖୀ ଆଇନ୍ କରି ଜନଆନ୍ଦୋଳନକୁ ବନ୍ଦ କରିପାରିବେ ନାହିଁ । ବରଂ ଏ ସମ୍ପର୍କରେ ସମସ୍ତଙ୍କ ସହିତ ବ୍ୟାପକ ବିଚାର ବିମର୍ଷ କରାଯିବା ଉଚିତ୍ । ଏକ ଦାୟିତ୍ୱବାନ୍ ରାଜନୈତିକ ଦଳ ହିସାବରେ ଲୋକଙ୍କର ସମସ୍ୟାକୁ ନେଇ ଆନ୍ଦୋଳନ କରିବା ଆମର କର୍ତବ୍ୟ । ସରକାର କରୋନା ଆଳରେ ଏହାକୁ କେବେବି ବନ୍ଦ କରିପାରିବେ ନାହିଁ ।

# ସଦର ବିଜେପି ପକ୍ଷରୁ ଶ୍ୟାମାପ୍ରସାଦ ମୁଖାର୍ଜୀ ଜୟନ୍ତୀ

ବାଲେଶ୍ୱର,୬।୭ (ନି.ପ୍ର): ସଦର ବିଜେପି କମିଟି ପକ୍ଷରୁ ଜନସଂଘର ପ୍ରତିଷ୍ଠାତା ମହାନ ଜନନାୟକ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ସ୍ଥାନୀୟ ଜେଲରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ଆଜି ପାଳିତ ହୋଇଯାଇଛି । ଦିବଂଗତ ସଦର ବିଧାୟକ ମଦନ ମୋହନ ଦତ୍ତଙ୍କ ସହଯୋଗୀ ଗୌରାଙ୍ଗ ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ୱର୍ଗତ ଦତ୍ତଙ୍କ ପୁତ୍ର ଯୁବନେତା ମାନସ ଦତ୍ତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ପର୍ଶୁରାମ ବେହେରା, ସୁଜିତ୍ ଦେବ, ମଣ୍ଡଳ ସଭାପତି ବିଜୟ ଦାସ, ଅନୀଲ ପାତ୍ର, କାର୍ତ୍ତିକ ରାଉତ, ନଗର କମିଟି ସଭାପତି ଚିତ୍ତରଂଜନ ପଣ୍ଡା, ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ ଲୋକନାଥ ଭୂୟାଁ, ପ୍ରବୀର ଶଙ୍କର ଦାଶ, ସସ୍ମିତା ଚାନ୍ଦ, ସସ୍ମିତା ଦାଶ, ଶ୍ରୀୟା ଦାସ, ପ୍ରମୁଖ ଏଥିରେ ଯୋଗଦେଇ ଅଖଣ୍ଡଭାରତ ନିର୍ମାଣରେ ମହାନ ଜନନାୟକଙ୍କ ଉଦ୍ୟମ ଓ ବଳିଦାନକୁ ସମସ୍ତେ ମନେ ପକାଇଥିଲେ । ସ୍ୱର୍ଗତ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଜନସଂଘ ପାର୍ଟିର ନୀତି ଆଦର୍ଶକୁ ପାଥେୟ କରି ସାମ୍ପ୍ରତିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜେପି ସରକାର ଦେଶବାସୀଙ୍କୁ ସୁଶାସନ ଦେଇ ଚାଲିଛନ୍ତି ବୋଲି ବକ୍ତାମାନେ କହିଥିଲେ । ସ୍ୱର୍ଗତ ମୁଖାର୍ଜୀ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ସମ୍ବିଧାନ ପ୍ରଣୟନ କମିଟିରେ ଥାଇ ଜାମୁ କାଶ୍ମିରରେ ୩୭୦ ଧାରା ଲାଗୁକୁ ବିରୋଧ କରିଥିଲେ । ଏମିତିକି ପରବର୍ତ୍ତୀ ସମୟରେ ସମ୍ବିଧାନରୁ ଏହି ଧାରାକୁ ଉଚ୍ଛେଦ ପାଇଁ ସେ ଆଜୀବନ ଚେଷ୍ଟା ମଧ୍ୟ କରିଥିଲେ । ଏମିତିକି ଏହି ୩୭୦ ଧାରା ଉଚ୍ଛେଦ ଅଭିଯାନରେ ସେ ପ୍ରାଣଦାନ କରିବାକୁ ପଛଘୁଞ୍ଚା ଦେଇ ନଥିଲେ ବୋଲି ବିଜେପି ସଭାପତି ଶ୍ରୀ ମହାପାତ୍ର କରିଥିଲେ । ତାଙ୍କର ବଳିଦାନକୁ ଏ ଦେଶ କେବେ ପାଶୋରିବ ନାହିଁ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ନିରବ ପ୍ରାର୍ଥନା ମାଧ୍ୟମରେ ମହାନ ଜନନାୟକଙ୍କ ପ୍ରତି ସମସ୍ତେ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ନଗର ଧୀରଜ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଜେପି ସଦର ଶାଖାର ବହୁ କର୍ମୀ ଓ ସମର୍ଥକ ଏଥିରେ ଯୋଗ ଦେଇଥିଲେ ।

# ୫୯ ମୋବାଇଲ ଆପ୍ ଉପରେ ରୋକ ସମ୍ପର୍କିତ ପିଆଇବି ୱେବିନାର

♦ଘରୋଇ ଉଦ୍ୟୋଗୀ ଓ ବୈଷୟିକ ପ୍ରତିଷ୍ଠାନଙ୍କୁ ମିଳିବ ପ୍ରୋତ୍ସାହନ

♦ଆତ୍ମନିର୍ଭର ଭାରତ ଗଠନ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆଉ ଏକ ବଳିଷ୍ଠ ପଦକ୍ଷେପ

ଭୁବନେଶ୍ୱର,୬।୭ (ନି.ପ୍ର): ନିକଟରେ ଭାରତ ସରକାର ଦେଶର ସୁରକ୍ଷା ଓ ସାର୍ବଭୌମତା ପ୍ରତି ବିପଜ୍ଜନକ ୫୯ଟି ବିଦେଶୀ ମୋବାଇଲ ଆପ୍ଲିକେସନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଆଜି ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ତରଫରୁ ଏ ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଛି । ଏହି ୱେବିନାରରେ ଅଧ୍ୟକ୍ଷତା କରି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ଶାଖାର ଅତରିକ୍ତ ମହାନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଶୈଳେଶ କୁମାର ମାଲବ୍ୟ କହିଛନ୍ତି, ଏହି ୫୯ଟି ବିଦେଶୀ ମୋବାଇଲ ଆପ୍ଲିକେସନ ଉପରେ ପ୍ରତିବନ୍ଧକ ଲାଗିବା ଫଳରେ ଘରୋଇ ଉଦ୍ୟୋଗୀ ଓ ବୈଷୟିକ ପ୍ରତିଷ୍ଠାନମାନଙ୍କୁ ସ୍ୱଦେଶୀ ଜ୍ଞାନକୌଶଳରେ ନୂତନ ମୋବାଇଲ ଆପ୍ଲିକେସନ ବିକଶିତ କରିବା ନିମନ୍ତେ ସୁଯୋଗ ମିଳିବ । ଦେଶର ଉଦ୍ୟୋଗୀମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମନିର୍ଭର ଭାରତ ଆପ ଇନୋଭେସନ ଚାଲେଞ୍ଜ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ଏକ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବ ବୋଲି ଶ୍ରୀ ମାଲବ୍ୟ କହିଥିଲେ । ଏହି ୱେବିନାରରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ଭାରତ ଓ ଚୀନ ଦ୍ୱିପାକ୍ଷିକ ସମ୍ପର୍କର ଇତିହାସ ଉପରେ ଆଲୋକପାତ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଭାରତ ଓ ଚୀନ କୂଟନୈତିକ ସମ୍ପର୍କର ଉଭୟ ଅର୍ଥନୈତିକ ଓ ସାମରିକ ଦିଗ ଉପରେ ସେ ତାଙ୍କ ବକ୍ତବ୍ୟ ରଖିଥିଲେ । ଆଲୋଚନାରେ ଭାଗ ନେଇ ବରିଷ୍ଠ ସାମ୍ବାଦିକ ଶ୍ରୀ ସନ୍ଦୀପ ସାହୁ ଓ ଶ୍ରୀ ତପନ ମିଶ୍ର ନିକଟରେ ଘଟିଥିବା ଲଦାଖର ଗଲୱାନ ଘାଟି ଓ ଅନ୍ୟାନ୍ୟ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତରେ ଆଲୋଚନା କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ ଡ.ଦାଶରଥୀ ଭୂୟାଁ ଏହି ୫୯ ମୋବାଇଲ ଆପ୍ଲିକେସନ ଉପରେ ରୋକ ଲଗାଇବା ନିଷ୍ପତିର ଭାରତ-ଚୀନ ରାଜନୈତିକ ଓ କୂଟନୈତିକ ସମ୍ପର୍କ ଉପରେ ଥିବା ପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ଏହି ୱେବିନାରରେ ବୈଷୟିକ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୀ ବିଶ୍ୱରଞ୍ଜନ ମିଶ୍ର ଓ ଶ୍ରୀ ଅନିମେଶ ପଟ୍ଟନାୟକ ଡାଟା ଗୋପନୀୟତା, ସାଇବର କ୍ରାଇମ ଓ ଅନ୍ୟାନ୍ୟ ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ । ଏହି ୱେବିନାରକୁ ପିଆଇବିର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ପରିଚାଳନା କରିଥିଲେ । ଏଥିରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ଓଡ଼ିଶାର ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ, ଗବେଷକ ଓ ଗଣମାଧମ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

## ପରିଖିରେ ରକ୍ତଦାନ ଶିବିର

ବାଲେଶ୍ୱର,୬।୭ (ନି.ପ୍ର): ଜୀବନ ବିନ୍ଦୁ ଅଭିଯାନ ସଦର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକତ ରକ୍ତଦାନ ଶିବିର ଆଜି ପରିଖିଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଜୀବନବିନ୍ଦୁ କର୍ମକର୍ତ୍ତାଙ୍କ ସମେତ ପରିଖିର ଯୁବଗୋଷ୍ଠୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । କରୋନା ଭଳି ସଙ୍ଗୀନ ସ୍ଥିତିରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଅତି ସତର୍କତାର ସାମାଜିକ ଦୂରତା ରକ୍ଷା ସହ ଏଭଳି ଶିବିର ଆୟୋଜନ ବାସ୍ତବିକ୍ ଦୁଃସାହସିକ କାର୍ଯ୍ୟ ବୋଲି ସେ କହିଥିଲେ । ଜୀବନ ବିନ୍ଦୁ ଅଭିଯାନ ନଗର ସଂଯୋଜକ ସମାଜସେବୀ ସଲିମ୍ ରାଜାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ସୁନୀଲ କୁମାର ସେଠୀ, ସଂଜୟ କୁମାର ଜେନା, ନମାନ୍ ଅଲଲି ଖାନ୍, ଶେଖ୍ ସିରାଜ୍, ସଦାନନ୍ଦ କର, ସମ୍ଭବ ଅଗସ୍ତି, ଜଗନ୍ନାଥ ଦଳେଇ, ବାପି ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ ।

# 'ମୋନା'ପକ୍ଷରୁ ବିଦାୟୀ ଉପ-ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୬।୭ (ନି.ପ୍ର): ବାଲେଶ୍ୱର ଉପ-ଜିଲ୍ଲାପାଳ ପଦବୀରୁ ବଦଳି ହୋଇ ଅନ୍ୟତ୍ର ଯାଉଥିବା ନୀଲୁ ମହାପାତ୍ରଙ୍କୁ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ'(ମୋନା) ବାଲେଶ୍ୱର ଶାଖା ପକ୍ଷରୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନୀଳିଆବାଗସ୍ଥିତ ମୋନା କାର୍ଯ୍ୟାଳୟରେ ସଭାପତି ପ୍ରଭାକର ସାହୁ ଏହି ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିଲେ । ମୋନାର ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ସ୍ନେହଲତା ଦାସପତି, ବୀରେନ୍ଦ୍ର ନରାୟଣ ପ୍ରହରାଜ, ନିରଞ୍ଜନ ପରିଡ଼ା, ପ୍ରସନ୍ନ କୁମାର ପାଢ଼ୀ, କମଳାକାନ୍ତ ଦାଶ, ରାଧାକୃଷ୍ଣ ଆଚାର୍ଯ୍ୟ, ରବି କୁମାର ପାଣିଗ୍ରାହୀ, ବିରଞ୍ଜନ ପରିଡ଼ା, ସମରେନ୍ଦ୍ରନାଥ ଦାସ, ଗୟାଧର କର ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଏଥିରେ ଯୋଗଦେଇ ବିଦାୟୀ ନୀଲୁ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜଣେ ସମ୍ବେଦନଶୀଳ ପ୍ରଶାସନିକ ଅଧିକାରୀ ଭାବେ ଶ୍ରୀ ମହାପାତ ନିଜର କାର୍ଯ୍ୟଧାରା ପାଇଁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ମୋନାର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ । ତେବେ ଜିଲ୍ଲାର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଜିଲ୍ଲାବାସୀ ପ୍ରଶାସନକୁ ତଥା ତାଙ୍କୁ କରିଥିବା ସହଯୋଗ ତାଙ୍କର ସବୁଦିନେ ମନେ ରହିବ ବୋଲି ଶ୍ରୀ ମହାପାତ୍ର ସମ୍ବର୍ଦ୍ଧିତ ଅବସରରେ ପ୍ରକାଶ କରିଥିଲେ । ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଳନ୍ଦୀ ନଦୀରେ ବୁଡି ଯୁବକର ମୃତ୍ୟୁ

ଭଦ୍ରକ,୬।୭ (ନି.ପ୍ର): ସାଳନ୍ଦୀ ନଦୀରେ ବୁଡି ଜଣେ ଯୁବକର ମୃତ୍ୟୁ ଘଟିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ବ୍ଲକ୍ ଖଣ୍ଡତରା ନିକଟ ସାଳନ୍ଦୀ ନଦୀରେ ଆଜି ୪ ଜଣ ଯୁବକ ଗାଧୋଉଥିବାବେଳେ ବୁଡି ଯାଉଥିବା ଦେଖିଥିଲେ ସହିଦ ଭଗତ ସେନା ସଦସ୍ୟମାନେ । ତୁରନ୍ତ ସହିଦ ଭଗତସେନା ସଦସ୍ୟମାନେ ଦମକଳ ବାହିନୀକୁ ଅବଗତ କରିବା ସହ ଉଦ୍ଧାର କାର୍ଯ୍ୟରେ ଶେଷ ପର୍ଯ୍ୟନ୍ତ ସହଯୋଗ କରିଥିଲେ । ତେବେ ଉଦ୍ଧାର ସମସ୍ତଙ୍କ ମଧ୍ୟରୁ ଗୁରୁତର ଅବସ୍ଥାରେ ଜଣଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛି ।

# ସ୍ୱରାଜବାର୍ତ୍ତା ପକ୍ଷରୁ କରୋନା ଯୋଦ୍ଧା ସମ୍ମାନ



ଭଦ୍ରକ ,୬।୭ (ନି.ପ୍ର): ବିଶ୍ୱର ମହାମାରୀ କରୋନା ସମୟରେ ନିଜ ଜୀବନକୁ ପାଣି ଛଡାଇ ଅସହାୟ ଓ ନିସହାୟ ବ୍ୟକ୍ତିଙ୍କ ପାଖରେ ପହଂଚି ସେମାନଙ୍କୁ ସାହାଯ୍ୟ କରିଥିବା ସଂଗଠନର ମୁଖ୍ୟମାନଙ୍କୁ କରୋନା ଯୋଦ୍ଧା ସମ୍ମାନ ଦିଆଯାଇଛି । ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ପ୍ରତିଷ୍ଠାତା ନୃସିଂହ ଚରଣ ଖିଲାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ମନ ମୋହନ ସାମଲ,ମୁଖ୍ୟବକ୍ତା ଭାବେ ଉତ୍କଳ ସମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ,ବିଶିଷ୍ଟ ଅତିଥି ଭାବେ ଅଧ୍ୟାପକ ନିହାର ରଂଜନ କର,ରାଜ୍ୟ ବିଜେଡି ମହିଳା ଉପସଭାନେତ୍ରୀ ସରୋଜିନୀ ରାଜ୍ ପ୍ରମୁଖ ଯୋଗଦେଇ ସ୍ୱରାଜବାର୍ତ୍ତା ପକ୍ଷରୁ କରୋନା ଯୋଦ୍ଧାମାନଙ୍କୁ ସମ୍ମାନୀତ କରିଥିଲେ । ମୁଖ୍ୟ ସଂପାଦକ ରବି ନାରାୟଣ ଖିଲାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଚିତ୍ରଶିଳ୍ପୀ ପ୍ରଭାତ କୁମର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସଂପାଦକ ରେଣୁବାଳା ଖିଲାର ଓ ମୁଖ୍ୟସଂପାଦକ ଶ୍ରୀ ଖିଲାରଙ୍କର ୨୫ତମ ବିବାହ ବାର୍ଷିକ ତଥା ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ସାମାଜିକ ଦୂରତା ରକ୍ଷା କରାଯିବା ସହିତ ସନିଟାଇଜେସନ କରା ଯାଇଥିଲା । ଶିକ୍ଷାବିତ ରମେଶ ଚନ୍ଦ୍ର ଦତ୍ତ,କବି ସଦାନନ୍ଦ ସାହୁ,ରମେଶ ଚନ୍ଦ୍ର ସ୍ୱାଇଁ, ବିଜୟ ବହଲୀ, ନାରାୟଣ ପ୍ରଧାନ, ରଘୁନାଥ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ ।ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ,କନକଲତା ଖିଲାର, ସାମ୍ବାଦିକ ସନ୍ତୋଷ ଦାସ,ଜଗନ୍ନାଥ ବେହେରା ,ପ୍ରଭାକର ନାୟକ,ଦୀପକ ସେନ, ବିକାଶ ସାହୁ,ରାଜ ନାରାୟଣ ଖିଲାର ,ଗୋପବନ୍ଧୁ ବାରିକ,ରାଜେନ୍ଦ୍ର ଶତପଥି,ଦୁର୍ଯ୍ୟୋଧନ ଲେଙ୍କା, ପ୍ରମୁଖ ସଂଯୋଜନା କରିଥିଲେ ।ଶେଷରେ କରୋନା ଯୋଦ୍ଧା ସମ୍ମାନୀତ କରା ଯାଇଥବା ସଂଗଠନ ଓ ବ୍ୟକ୍ତି ମାନଙ୍କ ମଧ୍ୟରେ ଅଛନ୍ତି ରେଟାରିଆନ ଅତିସ କୁମାର ବେହେରା,ବରିଷ୍ଠ ନାଗରିକ ସଦାନନ୍ଦ ସାହୁ,ନାଟ୍ୟକାର ନିର୍ମଳ ରାଉତ,ଉତ୍ସର୍ଗ ସଂଗଠନ ସଭାପତି ଅପୂର୍ବ ରଂଜନ ବେହେରା,ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ପାଢୀ,ଯାଦବ ନେତା ହରେକୃଷ୍ଣ ପଲେଇ,କୃଷ୍ଣଚନ୍ଦ୍ର ବେହେରା,ଓଡିଶା ତେଜସ୍ୱିନୀ ମହିଳା ସଂଗଠନର ଉପଦେଷ୍ଟା ଦୀପାଳି ମିଶ୍ର,ସଭାନେତ୍ରୀ କଳ୍ପନା ଜେନା,ସଂପାଦିକା ଅଂଜନା ମିଶ୍ର ,ଉପସଭାନେତ୍ରୀ ଚୈତାଳି ଖିଲାର,ପୁଣ୍ୟ ଉତ୍କଳ ସଂଗଠନ ସଂପାଦିକା ମନୋରମା ରାୟ,ଆଇଟିସିଏଲ ସାମ୍ବାଦିକ ଅଭୟ ସାହୁ,ଲିପିକା ରାଉତ ପ୍ରମୁଖଙ୍କୁ ସମ୍ମାନୀତ କରା ଯାଇଥିଲା ।ଶେଷରେ ଯଥାରୀତି ନିତି ଅନୁଯାୟୀ ଶ୍ରୀ ଖିଲାର ଦମ୍ପତିଙ୍କୁ ସମସ୍ତେ ଆର୍ଶିବାଦ କରିଥିଲେ ।

## ଭୁବନେଶ୍ୱରରୁ ପୁଣି ୧୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୬।୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ସୋମବାର ୧୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ୧୭ଜଣଙ୍କ ମଧ୍ୟରୁ ୧୦ଜଣ ସ୍ଥାନୀୟ ସଂକ୍ରମଣର ଶିକାର ହୋଇଥିବା ବେଳେ ୫ଜଣ ସଙ୍ଗରୋଧ କେନ୍ଦ୍ରରୁ ଏବଂ ୨ଜଣ କରୋନା ଯୋଦ୍ଧା ରହିଛନ୍ତି । ଏହା ସହ ୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ସ୍ଥାନୀୟ ସଂକ୍ରମଣର ଶିକାର ହୋଇଥିବା ୧୦ଜଣଙ୍କ ମଧ୍ୟରେ ଡୁମୁଡୁମାର ରଘୁନାଥ ନଗର ବସ୍ତିରୁ ୨ଜଣ (୪୦ ବର୍ଷ ମହିଳା , ୩୦ ବର୍ଷ ପୁରୁଷ ), ଜଗନ୍ନାଥ ମନ୍ଦିର ନିକଟସ୍ଥ ପଟିଆ ଗାଁରୁ ଜଣେ (୬୩ ବର୍ଷ ପୁରୁଷ), ବିଜେବି ନଗରର ପାଣିଟାଙ୍କି ବସ୍ତିରୁ ଜଣେ (୨୩ ବର୍ଷ ଯୁବକ), ଦାସପୁରର ଅନ୍ଧାରୁଆରୁ ଜଣେ (୪୦ ବର୍ଷ ମହିଳା), ଶତାବ୍ଦୀ ନଗରର ଲେନ-୧ରୁ ଜଣେ (୨୯ ବର୍ଷ ମହିଳା), ମଙ୍ଗଳା ମନ୍ଦିର ନିକଟସ୍ଥ ଚକେଇସିଆଣୀରୁ ଜଣେ (୬୭ ବର୍ଷ ପୁରୁଷ), କେନ୍ଦ୍ର ଦ୍ୱାରା ପରିଚାଳିତ ଡାକ୍ତରଖାନାର ଦୁଇଜଣ କର୍ମଚାରୀ (୨୨ ଓ ୨୬ ବର୍ଷ ପୁରୁଷ) ଏବଂ ଅନ୍ୟ ଜିଲ୍ଲାରୁ ଆସି ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ରୋଗୀ (୩୨ ବର୍ଷ ମହିଳା)କରୋନା ଆକ୍ରାନ୍ତ ହୋଇଛନ୍ତି । ସେହିଭଳି ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ୫ଜଣଙ୍କ ମଧ୍ୟରେ ଜୟଦେବ ବିହାରର ଇଏସଆଇ ହସ୍ପିଟାଲ କଲୋନୀରୁ ଜଣେ (୨୬ ବର୍ଷ ଯୁବକ), ପଟିଆ ବିଗ ବଜାର ନିକଟରୁ ୨ଜଣ (୬୫ ବର୍ଷ ମହିଳା , ୩ ବର୍ଷର ଶିଶୁପୁତ୍ର), ଚନ୍ଦ୍ରଶେଖରପୁରର ପ୍ରଗତି ବିହାରରୁ ଜଣେ (୨୨ ବର୍ଷର ମହିଳା)ଏବଂ ୟୁନିଟ-୪ର ଏମଏଲଏ କଲୋନୀରୁ ଜଣେ ବ୍ୟକ୍ତି (୩୨ ବର୍ଷ ପୁରୁଷ )ରହିଛନ୍ତି । ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ୫ଜଣ କରୋନା ଆକ୍ରାନ୍ତ ପୂର୍ବ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣା ପଡିଛି । ଏହା ସହ କୋଭିଡ ହସ୍ପିଟାଲରୁ ୨ଜଣ କରୋନା ଯୋଦ୍ଧା (୨୬ ଓ ୩୫ ବର୍ଷ ପୁରୁଷ)ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱରର ୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

## ବିପର୍ଯ୍ୟସ୍ତ ଆଇନସେବା ସ୍ଥିତିକୁ ନେଇ ଉଦ୍‌ବେଗ

### ଏସପିଙ୍କଠାରେ ବିଜେପି କର୍ମକର୍ତ୍ତାଙ୍କ ଫେରାଦ




ବାଲେଶ୍ୱର,୬।୭ (ନି.ପ୍ର): ବାଲେଶ୍ୱର ସହର ସମେତ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇସେବା ସ୍ଥିତିକୁ ନେଇ ବିଜେପି କର୍ମକର୍ତ୍ତାମାନେ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତ କରିଛନ୍ତି । ବିଶେଷ କରି ସହର ଓ ତଳି ଅଞ୍ଚଳରେ ବଢ଼ି ଚାଲିଥିବା ନିଶା କାରବାର ଓ ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ସାମାଜିକ ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ବିଜେପି କର୍ମୀମାନେ ଆରୋପ ଉଠାଇଥିଲେ । ୱାରେଣ୍ଟ ଥିବା ଅଭିଯୁକ୍ତମାନେ ଖୁଲମ୍ ଖୁଲା ବୁଲୁଥିଲେ ମଧ୍ୟ ସେମାନଙ୍କୁ ଗିରଫ କରିବା ନେଇ ପୁଲିସ ଟିକିଏ ହେଲେ ପଦକ୍ଷେପ ନେଉ ନାହିଁ । ସବୁଠାରୁ ବଡ଼ କଥା ହେଲା କରୋନା ନିୟମ ଭାଙ୍ଗିଥିବା କେତେକ ଅସାମାଜିକ ଯୁବକ ସଦର ତହସିଲଦାରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ୍ କରିବା ସହ ଆକ୍ରମଣ ମଧ୍ୟ କରିବାକୁ ପଛେଇ ନଥିଲେ । ଖବର ପାଇ ଟାଉନ ଥାନା ପୁଲିସ ସଦର ତହସିଲଦାର ଓ ତାଙ୍କର ସହଯୋଗୀଙ୍କୁ ଆସାମାଜିକ ଯୁବକଙ୍କ କବଳରୁ ଉଦ୍ଧାର କରିଥିଲା । ଅଭିଯୋଗ ପରେ ମଧ୍ୟ ପୁଲିସ ଅଦ୍ୟାବଧି ସେମାନଙ୍କୁ ଗିରଫ କରୁନାହିଁ । ସେହିପରି ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଅଞ୍ଚଳର ଜଣେ ଯୁବକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ନେଇ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ବିଜେପି କର୍ମୀମାନେ କହିଛନ୍ତି । ସଦର ନିର୍ବାଚନମଣ୍ଡଳୀରେ ଭୁଶୁଡ଼ି ପଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତି ବାବଦରେ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ବିଜେପି ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ଦଳ ପକ୍ଷରୁ ଏକ ଦାବିପତ୍ର ଏସପି ଶ୍ରୀ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ଯୁବନେତା ମାନସ କୁମାର ଦତ୍ତଙ୍କ ସମେତ ରବିନାରାୟଣ ମହାପାତ୍ର, ପ୍ରଦୀପ ପତି, ଗଙ୍ଗାଧର ରାଉତ, ପ୍ରବୀର ଶଙ୍କର ଦାଶ, ଶୁଭଙ୍କର ମହାପାତ୍ର, ସୀତାକାନ୍ତ ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ରାଉତ, ସୁଜିତ୍ ଦେବ ପ୍ରମୁଖ ଉପସ୍ଥିତ ଥିଲେ ।

## ଡୁବୁଡୁବି ନଦୀ ପୋଲ କାର୍ଯ୍ୟ ବନ୍ଦକୁ ନେଇ ଆଲୁମେଦାବାସୀଙ୍କ ଆପତ୍ତି

ବାଲେଶ୍ୱର,୬।୭ (ନି.ପ୍ର): ଡୁବୁଡୁବି ନଦୀରେ ନିର୍ମାଣଧୀନ ପୋଲ କାର୍ଯ୍ୟ ବନ୍ଦ ହେବାକୁ ନେଇ ଆଲୁମେଦା ଗ୍ରାମ ପଞ୍ଚାୟତବାସୀ ଆଜି ଜିଲ୍ଲାପାଳଙ୍କଠାରେ ଆପତ୍ତି କରିଛନ୍ତି । ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ପଞ୍ଚାୟତର ସଚେତନ ବ୍ୟକ୍ତିମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଡୁବୁଡୁବି ନଦୀରେ ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ପୋଲର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ । କଷାଫଳ ଓ ଆଲୁମେଦା ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକେ ନିଜ ନିଜର କାର୍ଯ୍ୟ ପାଇଁ ଦୈନିକ ଡୁବୁଡୁବି ନଦୀକୁ ଡଙ୍ଗାରେ ବିପଦ ସଂକୁଳ ଅବସ୍ଥାରେ ପାରି ହୋଇ ଯାଉଥିଲେ । ସେଠାରେ ଗୋଟେ ପୋଲ ନିର୍ମାଣ ପାଇଁ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହେବା ପରେ ସରକାରଙ୍କ ପକ୍ଷରୁ ୧ କୋଟି ୫୨ ଲକ୍ଷ ଟଙ୍କା ମଞ୍ଜୁର ସହ ୨୦୧୭ ମସିହାରେ ଠିକାଦାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର ଗୋଟିଏ ପିଲାର ନିର୍ମାଣ ପରେ ଦୀର୍ଘଦିନ ପୂର୍ବରୁ ପୋଲ କାର୍ଯ୍ୟ ବନ୍ଦ ହୋଇନପଡ଼ିଛି । ଠିକାଦାର ଛୁ ମାରିଥିବା ବେଳେ ବିଭାଗୀୟ ଇଂଜିନିୟରମାନେ ବି ଆଉ ନିର୍ମାଣ ସ୍ଥଳକୁ ଆସୁନଥିବା ଗ୍ରାମବାସୀମାନେ କହିଛନ୍ତି । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ସେମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପଣ୍ଡାଙ୍କ ସମେତ ଯୁଧିଷ୍ଠିର ମଲ୍ଲିକ, ଦୀପକ ପରିଡ଼ା, ନଟବର ଦାସ, ସନ୍ୟାସୀ ବାରିକ, ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରାବଣ ମାସର ପ୍ରଥମ ସୋମବାରରେ ଶୈବପୀଠ ଖାଁ ଖାଁ

ଭୁବନେଶ୍ୱର,୬।୭ (ନି.ପ୍ର): ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ହୋଇଥିଲେ ସୁଦ୍ଧା କରୋନା କଟକଣା କାରଣରୁ ରାଜ୍ୟର ଶୈବ ପୀଠ ମାନଙ୍କରେ ବୋଲବମ ଭକ୍ତଙ୍କୁ ଦେଖିବାକୁ ମିଳି ନାହିଁ । ସାଧାରଣ ପରିସ୍ଥିତିରେ ଆଜି ଓଡ଼ିଶାର ପ୍ରତିଟି ଶିବ ମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ସମାଗମ ହୋଇଥାନ୍ତା ମିଳିଥିବା ସୂଚନା ଅନୁସାରେ ପୁରୀର ଲୋକନାଥ, ଭୁବନେଶ୍ୱରର ଲିଙ୍ଗରାଜ, କଟକର ଗଡ଼ଗଡ଼େଶ୍ୱର ପୀଠ, ଧବଳେଶ୍ୱର, ନୟାଗଡ଼ର ଲଡୁବାବା ପୀଠ, ଢେଙ୍କାନାଳର କପିଳାସ, ଭଦ୍ରକର ଆଖଣ୍ଡଳମଣି, ବାଲେଶ୍ୱରର ଝାଡ଼େଶ୍ୱର ଆଦି ରାଜ୍ୟର ପ୍ରସିଦ୍ଧ ଶୈବପୀଠରେ ଆଦୌ ବୋଲବମ ଭକ୍ତ ନାହାନ୍ତି । ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ଚଳିତ ବର୍ଷ କରୋନା କାରଣରୁ ବୋଲ୍‌ବମ୍ ଭକ୍ତ(କାଉଡ଼ିଆ)ମାନେ ପାଣି ଉଠାଇ ଶିବ ମନ୍ଦିର ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରୀ କରିଥିବାରୁ ଭକ୍ତ ମାନେ ପାଣି ଚଢାଇ ନାହାନ୍ତି । ଶ୍ରାବଣ ମାସରେ କାଉଡ଼ିଆମାନଙ୍କ ପାଣି ଉଠାଇବା, ରାସ୍ତାରେ ଚାଲିବା ଓ ମନ୍ଦିରକୁ ପ୍ରବେଶ କରିବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି ।

## ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରଲୋକ : ଜଳେଶ୍ୱର ଓ ଭୋଗରାଇରେ ଶୋକ

ଜଳେଶ୍ୱର,୬।୭(ନିପ୍ର): ଦୀର୍ଘବର୍ଷ ଜଣେ ଯନ୍ତ୍ରୀଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଇଂ ପରେଶ ଚନ୍ଦ୍ର ପ୍ରଧାନଙ୍କ ୭୬ବର୍ଷ ବୟସରେ ଗତ ୪ତାରିଖରେ ପରଲୋକ ହୋଇଛି । ତାଙ୍କର ଜନ୍ମସ୍ଥାନ ଭୋଗରାଇର ଜମଡାରେ ହୋଇଥିଲେ ମଧ୍ୟ ଚାକାରୀକାଳରେ ଜଳେଶ୍ୱରର ନୂଆବାଜର ଧାରାଷ୍ଟକଠାରେ ଗୃହ ନିର୍ମାଣ କରି ରହିଆସୁଥିଲେ । କିଛିଦିନ ପୂର୍ବରୁ ଅସୁସ୍ଥ ହେବାରୁ ବେଙ୍ଗାଲୋରରେ ରହୁଥିବା ପୁଅ ନିକଟକୁ ଯାଇ ସେଠାରେ ଚିକିତ୍ସିତ ହେଉଥିଲେ ବୋଲି ପରିବାର ସୂତ୍ରରୁ ପ୍ରକାଶ । ସେ ଜଣେ ବିଜ୍ଞ, ସମାଜସେବୀ, ପରପୋକାରୀଭାବେ ପରିଚିତ ଥିଲେ । ମୃତ୍ୟୁ ସମୟ ନିକଟରେ ପତ୍ନୀ ତୁଳସୀ, ପୁତ୍ର ସନ୍ତୋଷ ଓ ଅନ୍ୟ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁଖବର ଶୁଣି ନୂଆବଜାର ଗଂଚଳର ଡ. ରମାକାନ୍ତ ଭଂଜ, ପୂର୍ବତନ ପୌରପାଳ ପ୍ରବୀର କୁମାର ପ୍ରଧାନ, ଯୁବନେତା ପ୍ରତିପ କୁମାର ପ୍ରଧାନ, ଆଇନ୍‌ଜିବି ଚିନ୍ମୟ କୁମାର ଦାସ, ଲକ୍ଷ୍ମୀନାରାୟଣ ଜେନା, ଶ୍ୱାମସୁନ୍ଦର ଦାସ ମହାପାତ୍ର, ଡ. ମୁରଲୀ ଦାସ, ସନ୍ଦିପ ପ୍ରଧାନ, ଦୀପକ ସେନ୍, ଜୟନ୍ତ ଦେ ଓ ଗୋପାଳ ଠକ୍କର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି । ଭୋଗରାଇର ଜମଡାରେ ମଧ୍ୟରେ ଶୋକ ପ୍ରକାଶ ପାଇଛି ।

## ୪ଶହ ଟପିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୬।୭ (ନି.ପ୍ର): ଦିନକୁ ଦିନ ଦେଶରେ କ୍ଷୀପ୍ର ଗତିରେ ବଢ଼ି ଚାଲିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ତେବେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକଙ୍କଠାରେ କରୋନା ଭୁତାଣୁ ଚିହ୍ନଟ ହେବା ଘଟଣା ଏବେ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶା ଏବେ ଚର୍ଚ୍ଚାର ବିଷୟ ହୋଇଛି । ୭ ଦିନ ପୂର୍ବରୁ ବିଧାୟକ ଶ୍ରୀ ନାୟକଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ବ୍ୟତିକ୍ରମ ହେବା ଦେଖି ସେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ତେବେ ତାଙ୍କଠାରେ କରୋନା ଲକ୍ଷଣ ଅନୁମାନ କରି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସ୍ୱାବ ସଂଗ୍ରହ ସହ ପରୀକ୍ଷା ପାଇଁ ପଠାଯାଇଥିଲା । ବିଧାୟକ ଶ୍ରୀ ନାୟକ କରୋନାରେ ଆକ୍ରାନ୍ତ ଥିବା ନେଇ ରିପୋର୍ଟରୁ ଜଣାପଡ଼ିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆଜି ଜଣାଇବା ପରେ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି । ବିଧାୟକଙ୍କୁ ଏବେ କୋଭିଡ୍ ହସପିଟାଲରେ ଭର୍ତ୍ତି କରାଯିବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଛି ବୋଲି ସିଡିଏମଓ ସୂଚନା ଦେଇଛନ୍ତି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା, ସ୍ୱାବ ପରୀକ୍ଷା ଓ ରିପୋର୍ଟ ଆସିବା ପୂର୍ବରୁ ବିଧାୟକ ଶ୍ରୀ ନାୟକ ବିଭିନ୍ନ ସଭା ସମିତିରେ ଯୋଗଦେବା ସହ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କ ସହ ମଧ୍ୟ ମିଶିଛନ୍ତି । ଜିଲ୍ଲା ପ୍ରଶାସନ ପାଇଁ ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଏବେ ଦୁରୁହ ବ୍ୟାପାର ହୋଇଛି । ଅନ୍ୟପକ୍ଷରେ ବାଲେଶ୍ୱରରେ ଆଜି ୧୪ ଜଣ ନୂଆ ପଜିଟଭ୍ ଚିହ୍ନଟ ପରେ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୧୨ରେ ପହଞ୍ଚିଛି । ଆଜି ସୁସ୍ଥ ହୋଇଥିବା ୩ ଜଣଙ୍କୁ ମିଶାଇ ବାଲେଶ୍ୱର ଜିଲ୍ଲାରେ ଅଦ୍ୟାବଧି ମୋଟ ୩୨୭ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ୮୩ ଜଣ ଏକ୍ଟିଭ୍‌ଙ୍କୁ କୋଭିଡ ହସପିଟାଲରେ ଚିକିତ୍ସା କରାଯାଉଛି । ଚଳିତ ଜୁଲାଇ ଓ ଆସନ୍ତା ଅଗଷ୍ଟ ମାସରେ ବାଲେଶ୍ୱର ସମେତ ରାଜ୍ୟର କରୋନା ସଂକ୍ରମଣ ଆଶାତୀତ ବଢ଼ିବା ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବା ନେଇ ଆଶଙ୍କା ଦେଖାଯାଇଛି ।

## ପି.ଆର.ଏମ. ମେଡିକାଲରେ ଡାଇରିଆ ୱାର୍ଡ ସ୍ଥାନାନ୍ତରଣ ନେଇ ହସପିଟାଲ ସୁପରିନଟେଣ୍ଡେଣ୍ଟଙ୍କୁ ଭେଟିଲା ଭଂଜସେନା



ବାରିପଦା ,୬।୭ (ନି.ପ୍ର): କରୋନା ମହାମାରୀ ସାରା ବିଶ୍ୱରେ ନିଜର କାୟା ବିସ୍ତାର କରିଥିବା ବେଳେ ଓଡିଶା ତଥା ମୟୂରଭଂଜ ଜିଲ୍ଲାରେ ମଧ୍ୟ ଦିନକୁ ଦିନ ସଂକ୍ରମଣର ସ୍ଥିତି ସଙ୍ଗୀନ ହେବାକୁ ଯାଉଛି । ତେବେ ଏଭଳି ସମୟରେ ସଂକ୍ରମଣର ଭୟ ଥିବାରୁ ରୋଗୀମାନେ ହସପିଟାଲରେ ମଧ୍ୟ ଭୟଭୀତ ହୋଇ ଚିକିତ୍ସିତ ହେଉଥିବାର ଦେଖାଯାଉଛି । ଡାକ୍ତର ତଥା ହସପିଟାଲର ସ୍ୱାସ୍ଥ୍ୟ କର୍ମୀ ମାନେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ରୋଗୀ ସେବା କରୁଛନ୍ତି । ଏଭଳି ପରିସ୍ଥିତିରେ ବାରିପଦା ପି.ଆର.ଏମ. ମେଡିକାଲ କଲେଜ ଓ ହସପିଟାଲର ଗୋଟିଏ ସ୍ୱତନ୍ତ୍ର ପାର୍ଶ୍ୱରେ ଥିବା ଡାଇରିଆ ସଂକ୍ରାମକ ୱାର୍ଡକୁ ହସପିଟାଲ କର୍ତୃପକ୍ଷ ସାଧାରଣ ୱାର୍ଡ ପାଖକୁ ସ୍ଥାନାନ୍ତରଣ କରିଦେଇଛନ୍ତି । ଡାଇରିଆ ୱାର୍ଡ ବର୍ତମାନ ନିରାମୟ ଔଷଧ ଗୋଦାମ ହୋଇଥିବାର ଜଣାଯାଇଛି । ତେବେ ଡାଇରିଆ ଏକ ସଂକ୍ରାମକ ରୋଗ ହୋଇଥିବାରୁ ଏବଂ ପ୍ରତିବର୍ଷ ଏହି ସମୟରେ ବେଶୀ ମାତ୍ରାରେ ସଂକ୍ରମଣ ହେବାର ଦେଖାଯାଉଥିବା ବେଳେ ସାଧାରଣ ୱାର୍ଡ ନିକଟକୁ ସଂକ୍ରାମକ ରୋଗୀ ମାନେ ଆସିଲେ ସାଧାରଣ ରୋଗୀ ମାନେ ମଧ୍ୟ ସଂକ୍ରମିତ ହେବାର ଆଶଂକା ରହିଛି । ଏଣୁ ଆଜି ଭସେନା ପକ୍ଷରୁ ସଭାପତି ଫିଂଟୁ ମାଇତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପି.ଆର.ଏମ. ମେଡିକାଲ କଲେଜ ଓ ହସପିଟାଲର ସୁପରିନଟେଣ୍ଡେଟଙ୍କୁ ସାକ୍ଷାତ କରି ସମସ୍ୟା ବିଷୟରେ ଆଲୋଚନା କରିଥିବାର ଜଣାଯାଇଛି । ସୁପରିନଟେଣ୍ଡେଟଙ୍କ କହିବା ମୁତାବକ ସେଠାରେ ମରାମତି ଚାଲିଥିବାରୁ ଏବଂ ପି.ଏଚ.ଡି. କାର୍ଯ୍ୟ ବାକିଥିବାରୁ ସେଠାରେ ଡାଇରିଆ ୱାର୍ଡ ଖୋଲାଯାଇ ପାରୁନାହିଁ । ଏଣୁ ଭସେନାର ପ୍ରତିନିଧି ଦଳ ପି.ଏଚ.ଡି. ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ । ପି.ଏଚ.ଡି. ନିର୍ବାହୀ ଯନ୍ତ୍ରୀଙ୍କ କହିବା ମୁତାବକ ପି.ଏଚ.ଡି. କାମ ସରିବା ପାଇଁ ୭ରୁ ୧୫ ଦିନ ସମୟ ଲାଗିବ । ଏଣୁ ଯଦି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଡାଇରିଆ ୱାର୍ଡ ପୁରୁଣା ସ୍ଥାନରେ ଖୋଲା ନହୁଏ ତେବେ ଭସେନା ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ସମ୍ପାଦକ ରାକେଶ ମହାନ୍ତି, ସହର ସଭାପତି ସୌମ୍ୟରନ ମିଶ୍ର, ସୟ ମାହାନା ପ୍ରମୁଖ ସାମିଲ ଥିଲେ ।

## କଲ୍ୟାଣୀ ପଞ୍ଚାୟତରେ ଅର୍ଥ ହେରଫେର ଅଭିଯୋଗ



ବାଲେଶ୍ୱର,୬।୭ (ନି.ପ୍ର): ବାହାନଗା ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତି ଓ ଅର୍ଥ ହେରଫେର ନେଇ ଗ୍ରାମବାସୀମାନେ ଆଜି ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ପଞ୍ଚାୟତ ନିର୍ବାହୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ଜେଇଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସରପଞ୍ଚ ଓ ତାଙ୍କର ସହଯୋଗୀମାନେ ସମସ୍ତ କାର୍ଯ୍ୟ କରୁଛନ୍ତି । ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରି କିମ୍ବା ଅଳ୍ପ କାର୍ଯ୍ୟ କରି ସରପଞ୍ଚ ଫାଇନାଲ ବିଲ୍ ଉଠାଇଥିବା ନେଇ ଗ୍ରାମବାସୀମାନେ କହିଛନ୍ତି । ଏମିତକି ବହୁ ପ୍ରକଳ୍ପର ଆଦୌ କାର୍ଯ୍ୟ ନ ହୋଇ ବିଲ୍ ଉଠାଯାଇଥିବା ସେମାନେ ଆରୋପ କରିଛନ୍ତି । ଅନ୍ୟପକ୍ଷରେ ସରପଞ୍ଚଙ୍କ ସମର୍ଥନ ପାଇ କିଛି ବ୍ୟକ୍ତି ସରକାରୀ ଜମି ଜବରଦଖଲ ସହ ବନ୍ଧ ପକାଇବା ଯୋଗୁଁ ବର୍ଷା ଦିନରେ ଜଳ ନିଷ୍କାସନ ହୋଇ ନପାରି ୩୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇ ରହୁଛନ୍ତି । ଏନେଇ ଅଭିଯୋଗ କଲେ ମଧ୍ୟ ଜବରଦଖଲ ଉଚ୍ଛେଦ ନେଇ ସରପଞ୍ଚ କୌଣସି ବ୍ୟବସ୍ଥା କରୁ ନଥିବା ନାଏବ ସରପଞ୍ଚ ସୁଚିସ୍ମିତା ଜେନାଙ୍କ ସମେତ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏନେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସେମାନେ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ଦାବିପତ୍ର ସେମାନେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।

## ବିଇଓ କାର୍ଯ୍ୟାଳୟ ବିପଦ ସଂକୁଳ : ବାରମ୍ବାର ଛାତରୁ ଖସୁଛି ପୋଲସ୍ତରା

ଜଳେଶ୍ୱର,୬।୭ (ନି.ପ୍ର): ୨୨ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ବିଇଓ କାର୍ଯ୍ୟାଳୟ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି । ବାରମ୍ବାର ଛାତ ପୋଲସ୍ତରା ଖସୁଥିବାରୁ କର୍ମକର୍ତ୍ତା, କର୍ମଚାରୀ, ଅଭିଭାବକ ଏପରିକି ଆଗନ୍ତୁକମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ନୂତନ କାର୍ଯ୍ୟାଳୟ ନିର୍ମାଣ ଲାଗି ବିଭିନ୍ନ ମହଲରୁ ଦାବି ହୋଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ଓ ଭୋଗରାଇକୁ ନେଇ ୮୦ଦଶକରେ ଏକ ଡିଆଇ ଅଫିସ୍ ଘୋଷଣା ହୋଇଥିଲା । କିନ୍ତୁ ୧୯୯୮ ମସିହାରେ ଏହି କାର୍ଯ୍ୟାଳୟକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକି ବଲ୍ଲଭ ପଟ୍ଟନାୟକ, ଶିକ୍ଷାମନ୍ତ୍ରୀ ଜୟଦେବ ଜେନା ଓ ବିଧାୟକ ଜୟନାରାୟଣ ମହାନ୍ତି ଉଦ୍‌ଘାଟେନ କରିଥିଲେ । ଇତିମଧ୍ୟରେ ୨୨ବର୍ଷ ବିତିଯାଇଥିଲେ ମଧ୍ୟ ଗତ କିଛିଦିନ ଧରି ଏହି କାର୍ଯ୍ୟାଳୟର ବିଭିନ୍ନ ସ୍ଥାନର ଛାତରୁ ପୋଲସ୍ତରା ଖସୁଥିବା ଲକ୍ଷ କରାଯାଉଛି । ୩ଜଣ ଏବିଇଓ ବସୁଥିବା ରୋମ୍‌ରୁ ବାରମ୍ବାର ଏପରି ଆକସ୍ମିକ ଦୁର୍ଘଟଣା ଦେଖିବାକୁ ମିଳୁଛି । ଆଜିମଧ୍ୟ ଏବିଇଓ ଲଳାଟେନ୍ଦୁ ଜେନା ନିଜ ବସିବା ସିଟ୍‌ରେ ନଥିବା ବେଳେ ବଡ ପୋଲସ୍ତା ଉପରୁ ଖସିପଡିଥିଲା । ଏଥି କେହି ଆହତ ହୋଇନଥିଲେ ମଧ୍ୟ କାର୍ଯ୍ୟ;ାଳୟରେ ବସିବାକୁ ସୁରକ୍ଷିତ ମଣୁନାହାନ୍ତି । ପ୍ରକାଶଯୋଗ୍ୟ ଏହି କୋଠରୀର ଉପର ଛାତରେ ମଧ୍ୟ ଅଫିସ୍ କାର୍ଯ୍ୟାଳୟ ରହିଛି । ଏହା ବ୍ୟତିତ ଏହି ସ୍ଥାନଟି ଜଳେଶ୍ୱର ଷ୍ଟେସନ ବଜାରର ମୁଖ୍ୟରାସ୍ତାକୁ ଲାଗି ରହିଥିବାରୁ ଶିକ୍ଷକ ଓ ଅନ୍ୟ କେହି ଆସିଲେ ସେମାନଙ୍କ ବାଇକ୍ ରାସ୍ତାରେ ଛିଡା କରାଉଥିବାରୁ ଯାନବାହାନ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହୁଏ ଓ ଦୁର୍ଘଟଣା ଘଟେ । ଏହି କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଲାଗି ସ୍ଥାନ ନିୟଣ୍ଟ ମଧ୍ୟ ହୋଇଥାଏ । ଜଳେଶ୍ୱର ବିଇଓ ସୁଧାଂଶୁ ଜେନା ଗତ ୪ଦିନ ତଳେ ଏପରି ପୋଲସ୍ତରା ଖସିବାଯୋଗୁଁ ଏହାର ମରାମତି କିମ୍ବା ବିପଦ ସଂକୁଳ ଘୋଷଣା କରି ଅନ୍ୟଏକ କାର୍ଯ୍ୟାଳୟ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗ ଓ ଶିକ୍ଷା ବିଭାଗର ଉର୍ଦ୍ଧ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪୮୨୭ କରୋନା ପରୀକ୍ଷଣ

ଭୁବନେଶ୍ୱର,୬।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪୮୨୭ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୯୭୨୩୪ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୩୧ ଜଣଙ୍କଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୬।୭ (ନି.ପ୍ର): କଟକ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୩୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ।

## କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୬।୭ (ନି.ପ୍ର): ବର୍ତମାନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କୋଭିଡ୍ ଗାଇଡଲାଇନ କୁ କଡ଼ାକଡ଼ି ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୋମବାର ଦିନ ଏକ ଭିଡିଓ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅତି ଦରକାର ନହେଲେ ବାହାରକୁ ଯାଆନ୍ତୁ ନାହିଁ । ବାହାରେ, ଅଫିସରେ, କର୍ମକ୍ଷେତ୍ରରେ ସବୁବେଳେ ମାସ୍କ ବ୍ୟବହାର କରନ୍ତୁ । ସାମାଜିକ ଦୂରତା ରକ୍ଷା କରନ୍ତୁ । ବାରମ୍ବାର ସାବୁନରେ ଭଲଭାବରେ ହାତ ଧୁଅନ୍ତୁ । ଗହଳି କରନ୍ତୁ ନାହିଁ କିମ୍ବା ଗହଳିକୁ ଯାଆନ୍ତୁ ନାହିଁ । ବୟସ୍କ ଲୋକ ଓ ଶିଶୁମାନଙ୍କର ବିଶେଷ ଯତ୍ନ ନିଅନ୍ତୁ । ବିଶେଷ କରି ଯୁବ ସମାଜ କୋଭିଡ ନିୟମକୁ ଠିକ ଭାବରେ ପାଳନ କରନ୍ତୁ । ଯୁବ ସମାଜ ସଂକ୍ରମିତ ହେଲେ ବାପା, ମାଆ, ପରିବାର, ପିଲାମାନଙ୍କ ସଂକ୍ରମଣ ଆଶଙ୍କା ବଢ଼ିବ । ତେଣୁ କେବେବି ହେଳା କରନ୍ତୁ ନାହିଁ, ସତର୍କ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo